R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୬୧
ତିଥି : ପଞ୍ଚମୀ
୦୬ ଡିସେମ୍ବର ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 61
06 Dec 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ

## କୃଷିର ବିକାଶ ବିନା ସାମଗ୍ରିକ ବିକାଶ ସମ୍ଭବ ନୁହେଁ : ରାଷ୍ଟ୍ରପତି



ଭୁବନେଶ୍ୱର, ୫।୧୨ (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଅଂଶଗ୍ରହଣ କରିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ସମାବର୍ତ୍ତନ ଦିବସ ଛାତ୍ରଛାତ୍ରୀଙ୍କ ଆଶାଜନକ ଭବିଷ୍ୟତର ମାର୍ଗ ଖୋଲିଥାଏ । ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ, ସେମାନେ ବର୍ତ୍ତମାନ ଏକ ଭିନ୍ନ ପରିବେଶରେ ପ୍ରବେଶ କରୁଛନ୍ତି ଯେଉଁଥିରେ ସେମାନେ ବାସ୍ତବ ବୈଶ୍ୱିକ ପରିସ୍ଥିତିରେ ସେମାନଙ୍କ ଜ୍ଞାନ ଓ ଦକ୍ଷତାର କଠୋର ପରୀକ୍ଷାର ସମ୍ମୁଖୀନ ହେବେ । ସେମାନେ ହାସଲ କରିଥିବା ଜ୍ଞାନ ଓ କୌଶଳର ସର୍ବୋତ୍ତମ ପ୍ରୟୋଗ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବେ ବୋଲି ଆଶା କରାଯାଏ । ଅଭିନବ ଚିନ୍ତାଧାରା ଓ ଉତ୍ସର୍ଗୀକୃତ କାର୍ଯ୍ୟ ମାଧ୍ୟମରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଜାତୀୟ ଲକ୍ଷ୍ୟରେ ଯୋଗଦାନ କରିବାକୁ ସେ ଅନୁରୋଧ କରିଥିଲେ ।

ରାଷ୍ଟ୍ରପତି କହିଥିଲେ ଯେ, ଏପରି ଏକ ସମୟ ଥିଲା ଯେତେବେଳେ ଆମେ ଖାଦ୍ୟଶସ୍ୟ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଥିଲୁ । ବର୍ତ୍ତମାନ ଆମେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷି ଜାତ ଦ୍ରବ୍ୟ ରପ୍ତାନି କରୁଛୁ । ଆମ କୃଷି ବୈଜ୍ଞାନିକମାନଙ୍କ (୯ ପୃଷ୍ଠାରେ)

## ରାଜ୍ୟରେ ହେବ ଆଉ ୭ ବିମାନବନ୍ଦର

ଭୁବନେଶ୍ୱର, ୫।୧୨ (ସବ୍ୟୁ) : ଓଡ଼ିଶାର ଭୁବନେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଜୟପୁର ଓ ଉତ୍କେଲାଠାରେ ୫ଟି ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି । ଏହାଛଡ଼ା ଆଉ ୭ଟି ସ୍ଥାନରେ ବିମାନବନ୍ଦର ନିର୍ମାଣ ହେବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହକୁ ଏହି ତଥ୍ୟ ଦେଇଛନ୍ତି ।

ବିଧାୟକ ଧ୍ରୁବଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା ଦର୍ଶାଇଛନ୍ତି, ରାଜ୍ୟରେ ବିମାନ ସଂଯୋଗ ବୃଦ୍ଧି କରି ସାମାଜିକ ଓ ଅର୍ଥନୈତିକ ବିକାଶ ଆଣିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂତନ ଗନ୍ତବ୍ୟ ନୀତି ଘୋଷଣା କରିଛନ୍ତି । ରାଜ୍ୟରେ ଏବେ ୫ଟି ଜିଲ୍ଲାରେ ବିମାନ ଚଳାଚଳ ହେଉଛି । ସେହିପରି କେନ୍ଦୁଝରର ବଡ଼ବିଲ, ସମ୍ବଲପୁରର ଜମାଦାରପଲ୍ଲୀ, ବଲାଙ୍ଗୀରର ତୁଷରା, ବରଗଡ଼ର ସତୀବଡ୍ତା, ନୂଆପଡ଼ାର ଗୋଟମା, କନ୍ଧମାଳର ଗୁଡ଼ାରୀ ଓ ମୟୂରଭଞ୍ଜର ଦାଣ୍ଡବୋଷଠାରେ ବିମାନପଟିକୁ ୨-ବି କାଟାଗୋରୀ ବିମାନବନ୍ଦରରେ ପରିଣତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

ପରବର୍ତ୍ତୀ ପର୍ଯ୍ୟାୟରେ କୋରାପୁଟର ଜୟପୁର ଓ କଳାହାଣ୍ଡିର ଉତକେଲା ବିମାନବନ୍ଦରର ସମ୍ପ୍ରସାରଣ କରି ୩-ବି / ୩-ସି କାଟାଗୋରୀ ବିମାନବନ୍ଦରରେ ପରିଣତ କରିବା ଲାଗି ଯୋଜନା ରହିଛି । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବିଦେଶ ତଥା ଦେଶ ଓ ରାଜ୍ୟ ମଧ୍ୟରେ (୯ ପୃଷ୍ଠାରେ)

## ଇସ୍ରୋ ପକ୍ଷରୁ 'ପ୍ରୋବା-୩' ଉତ୍କ୍ଷେପଣ

ନୂଆଦିଲ୍ଲୀ, ୫।୧୨ : ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ୟୁରୋପୀୟ ସ୍ପେସ୍ ଏଜେନ୍ସିର ପ୍ରୋବା-୩ ମିଶନକୁ ସଫଳତାର ସହ ଉତ୍କ୍ଷେପଣ କରିଛି । ଗୁରୁବାର ସତୀଶ ଧାୱନ ସ୍ପେସ୍ ସେଣ୍ଟରର ଲଞ୍ଚପ୍ୟାଡରୁ ଏହାକୁ ଲଞ୍ଚ କରାଯାଇଛି । ପ୍ରୋବା-୩ ହେଉଛି ୟୁରୋପୀୟ ମହାକାଶ ଏଜେନ୍ସିର ସୌର ଅଭିଯାନ ବା ବାହ୍ୟ ବଳୟ ଉପରେ ଗବେଷଣା କରିବାର ଲକ୍ଷ୍ୟ । ଏହି ରକେଟ୍‌ରେ ୫୫୦ କେଜି ପେ-ଲୋଡ୍ ରହିଛି । ଅପରାହ୍ନ ୪.୪ରେ ଶ୍ରୀହରୀକୋଟାରୁ ଏହାକୁ ଲଞ୍ଚ କରାଯାଇଛି । ଏହା ମହାକାଶକୁ ଯାଇ କୃତ୍ରିମ ସୌର ପ୍ରଣାଳୀ ସୃଷ୍ଟି କରିବ । ପ୍ରୋବା-୩ ଅଭିଯାନରେ ୟୁରୋପୀୟ ମହାକାଶ ଏଷଜନ୍ସି ନିଜର ଦୁଇଟି ଉପଗ୍ରହକୁ ମଧ ମହାକାଶକୁ ପଠାଇଛି । ଏହି ଦୁଇଟି ଉପଗ୍ରହ ଏକାଠି ହୋଇ ପୃଥିବୀ କକ୍ଷରେ ପହଞ୍ଚିବା ପରେ ପରସ୍ପର ସହ ଯୋଗାଯୋଗ ରଖି ସୂର୍ଯ୍ୟର ରହସ୍ୟ ଉପରେ ଗଭୀର ଅନୁଧ୍ୟାନ କରିବେ । ଇସ୍ରୋ ଅଧ୍ୟକ୍ଷ ଏ ସୋମନାଥ କହିଛନ୍ତି ଯେ ଇଏସ୍ଏ ଓ ଇସ୍ରୋ ମଧ୍ୟରେ ରକେଟ୍ ପ୍ରସ୍ତୁତ ଉପରେ କାର୍ଯ୍ୟ କରାଯାଉଛି । ଏହାକୁ ଲଞ୍ଚ କରାଗଲା । ଏହି ଉପଗ୍ରହଟି ଦକ୍ଷିଣ କକ୍ଷରେ ଅବସ୍ଥାପିତ ହେବ ।

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଫଡନାବିସ

ମୁମ୍ବାଇ, ୫।୧୨ : ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଦେବେନ୍ଦ୍ର ଫଡନାବିସ୍ ଶପଥ ନେଇଛନ୍ତି । ଶପଥ ଗ୍ରହଣ ସମାରୋହରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଧ ଶପଥ ଗ୍ରହଣ ସମାବେଶ ପୂର୍ବରୁ ଫଡନାବିସ ସିଦ୍ଧିବିନାୟକ ମନ୍ଦିର, ମୁମ୍ବାଇ ଦେବୀ ମନ୍ଦିର



ଏହାଛଡା ଶିବସେନାର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଏନ୍‌ସିପିର ଅଜିତ୍ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଜେପି ନଡ୍ଡା, ରାଜନାଥ ସିଂ ଓ ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏହି ଶପଥ ଗ୍ରହଣ ସମାବେଶରେ ଉପସ୍ଥିତ ଥିଲେ । ଆଜାଦ୍ ମୈଦାନରେ ହୋଇଥିବା

### ସିନ୍ଦେ, ପାୱାର ଉପମୁଖ୍ୟମନ୍ତ୍ରୀ

### ସାମିଲ ହେଲେ ମୋହନ ମାଝୀ, ପ୍ରଭାତୀ ପରିଡା

ଯୋଗ ଦେଇଥିଲେ । ଆଜିଠୁ ମହାରାଷ୍ଟ୍ରରେ ମହାୟୁତି ସରକାରର ଦ୍ୱିତୀୟ ପାଳି ଆରମ୍ଭ ହେଉଥିବାବେଳେ ମୁଖ୍ୟମନ୍ତ୍ରୀ ଭାବେ ଫଡନାବିସ୍ ତୃତୀୟ ଥର ପାଇଁ ଶପଥ ଗ୍ରହଣ କରିଛନ୍ତି ।

ଯାଇ ପୂଜାର୍ଚ୍ଚନା କରିଥିଲେ । ଏହା ପୂର୍ବରୁ ସେ ତାଙ୍କ ମା'ଙ୍କ ଆଶୀର୍ବାଦ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନେକ ଶିଳ୍ପପତି ଓ ବଲିଉଡ୍ ତାରକା ମଧ୍ୟ ଯୋଗ ଦେଇଥିଲେ । (୯ ପୃଷ୍ଠାରେ)

## ୨୭ ଝାଡ଼ଖଣ୍ଡୀ ହାତୀଙ୍କ ଉତ୍ପାତ

କରଞ୍ଜିଆ, ୫।୧୨ (ସବ୍ୟୁ) : ବୁଧବାର ବିଳମ୍ବିତ ରାତିରେ ଦେଓ ନଦୀ କୂଳ ଲଘିଂ ଏହି ୨୭ ଟିକିଆ ଝାଡ଼ଖଣ୍ଡୀ ହାତୀପଲଙ୍କ ମଧ୍ୟରୁ ୯ଟି ହାତୀ ପ୍ରାୟ ୨୫ ଦିନ ବ୍ୟବଧାନ ପରେ କରଞ୍ଜିଆ ବନଖଣ୍ଡ ମଧ୍ୟକୁ ପ୍ରବେଶ କରିଛନ୍ତି। ଏମାନେ ଧାନ ଫସଲ ଖାଇବା ସହ ଧାନସବୁ ନଷ୍ଟ କରିଦେଉଛନ୍ତି। ଏହି ହାତୀପଲ ବର୍ତ୍ତମାନ ବଡଦେଉଳୀ ସଂରକ୍ଷିତ ଜଙ୍ଗଲରେ ଥିବା ଜଣାପଡିଛି। ତେବେ ଯେକୌଣସି ସମୟରେ ଅନ୍ୟ ହାତୀ ମାନେ (୯ ପୃଷ୍ଠାରେ)

## ବାଘୁଣୀ 'ରାଣୀ' ମୃତ, ନଦୀବନ୍ଧରୁ କଲରାପତରିଆ ମୃତଦେହ ଉଦ୍ଧାର

ସମ୍ବଲପୁର / ଦେବଗଡ଼, ୫।୧୨ (ସବ୍ୟୁ): ସମ୍ବଲପୁର ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ରର ଚିଡ଼ିଆଖାନାରେ ୭ ବର୍ଷ ବୟସ୍କା ବାଘୁଣୀ 'ରାଣୀ'ର ମୃତ୍ୟୁ ହୋଇଯାଇଛି। ଗର୍ଭାଶୟ ସଂକ୍ରମଣ ମୃତ୍ୟୁର କାରଣ ବୋଲି ଜଣାପଡିଛି । ତେବେ ଚିଡିଆଖାନାରେ ରାଜାରାଣୀଙ୍କ ପ୍ରେମ କାହାଣୀ ଅଧୁରା ହୋଇ ରହିଗଲା । ଏଥିସହ ବାଘ ଶାବକ ଜନ୍ମ ହେବା ଆଶା ମଧ୍ୟ ମଉଳିଗଲା । ଗତ ବର୍ଷ ନଭେମ୍ବର ମାସରେ ୮ ବର୍ଷ ବୟସ୍କ ମଣିଷ ଖିଆ ଚିତାବାଘ (ରାଜା)କୁ ନୂଆପଡ଼ାରୁ ଅଣାଯାଇଥିଲା। ଏହି ବାଘ ଯୋଗୁଁ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ। ଚିତାବାଘକୁ କାବୁ କରାଯିବା ପରେ ସମ୍ବଲପୁର ଚିଡ଼ିଆଖାନାକୁ ଅଣାଯାଇଥିଲା । ଦୀର୍ଘ ୮ ମାସ ପର୍ଯ୍ୟନ୍ତ ଚିକିତ୍ସା କରାଯିବା ସହ ସଙ୍ଗରୋଧରେ ରଖାଯାଇଥିଲା। କେନ୍ଦ୍ରୀୟ ଚିଡ଼ିଆଖାନା ନୂଆଦିଲ୍ଲୀ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ତାକୁ ବାଘୁଣୀ ରାଣୀ ସହିତ ସର୍ବସାଧାରଣଙ୍କ ଦେଖିବା ପାଇଁ କଡ଼ା ସୁରକ୍ଷା ମଧ୍ୟରେ ସଙ୍ଗରୋଧରୁ ବାହାର କରାଯାଇଥିଲା। ଗତ ନଭେମ୍ବର ମାସ ୨ୟ ସପ୍ତାହରେ ଉଭୟେ ଗୋଟିଏ ଖୁଆଡ଼ରେ (୯ ପୃଷ୍ଠାରେ)

## ୧୨,୧୫୫ କୋଟିର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ

ଭୁବନେଶ୍ୱର, ୫।୧୨ (ସବ୍ୟୁ) : ୨୦୨୪-୨୫ ଆର୍ଥିକ ବର୍ଷଲାଗି ଅତିରିକ୍ତ ବଜେଟ୍‌ରେ ୧୨,୧୫୫ କୋଟି ୭୩ ଲକ୍ଷ ୫୧ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାରେ ପାରିତ ହୋଇଛି । ଏହି ଅର୍ଥ ରାଜ୍ୟର ବିଭିନ୍ନ ଜନକଲ୍ୟାଣ ଓ ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ ହେବ । ବିଲ୍ ଆଲୋଚନାରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଅନେକ ଆଲୋଚନା କରିଛନ୍ତି ଓ ପ୍ରସ୍ତାବ ଦେଇଛନ୍ତି । ସେମାନଙ୍କ ଗଠନମୂଳକ ପରାମର୍ଶକୁ ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ପ୍ରକାଶ କରିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ତେବେ ଆବଶ୍ୟକତା ଦୃଷ୍ଟିରୁ ୧୨ ହଜାର ୧୬୫ କୋଟିର ଅତିରିକ୍ତ ବ୍ୟୟ



ଅଟକଳ ପ୍ରସ୍ତୁତ କରାଯାଇଛି । ସେଥିମଧ୍ୟରୁ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦ ହଜାର ୧୫୫ କୋଟି, କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ଅଂଶ ବାବଦକୁ ୨୦୧୧ କୋଟି, କେନ୍ଦ୍ରସ୍ତରୀୟ ଯୋଜନା ପାଇଁ ୨୩ କୋଟି, ରାଜ୍ୟ ଯୋଜନା ବାବଦକୁ ୮୧୨୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । କାର୍ଯ୍ୟକ୍ରମ ବ୍ୟୟ ବରାଦରେ ସ୍ୱାସ୍ଥ୍ୟ, ମହିଳା ଏବଂ ଶିଶୁ କଲ୍ୟାଣ କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇଛି । ନଗର ଉନ୍ନୟନ କ୍ଷେତ୍ର, ପୁଞ୍ଜି ନିବେଶ, ନିରାପତ୍ତା, ଶିକ୍ଷା, ଦକ୍ଷତା ବିକାଶ, ଆଦିବାସୀ ଜନଜାତି କଲ୍ୟାଣ, ଗ୍ରାମୀଣ ମିକାଶ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଆ ଭାଷା ଓ ସଂସ୍କୃତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ସୁଭଦ୍ରା ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଅତିରିକ୍ତ ବଜେଟ୍‌ରେ ଏହି ଯୋଜନାରେ ୧୧୯୬ କୋଟି ଟଙ୍କା ବ୍ୟବସ୍ଥା ହୋଇଛି । ଶିକ୍ଷା, କ୍ରୀଡା ଓ ଦକ୍ଷତା ବିକାଶ ପାଇଁ ମୂଳ ବଜେଟ୍‌ରେ ୩୬୮୫୧ କୋଟି ବ୍ୟୟ ବରାଦ ହୋଇଥିବାବେଳେ ଅତିରିକ୍ତ ବଜେଟ୍‌ରେ ଆଉ ୧୨୮୬ କୋଟି ବ୍ୟୟବରାଦ ହୋଇଛି । ବିଏମ୍ଶ୍ରୀ ସ୍କୁଲ ପାଇଁ ୧୨୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି । ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ରକ୍ଷଣାବେକ୍ଷଣ ପାଇଁ ୨୬ କୋଟି, ରତ୍ନଭଣ୍ଡାର ପରିଚାଳନା ପାଇଁ ୫ କୋଟି, ପୋଲିସ ଷ୍ଟେସନ ଓ ଫାଣ୍ଡିରେ ସିସିଟିଭି ପାଇଁ ୫୧ କୋଟି, ପ୍ରବାସୀ ଭାରତୀୟ ଦିବସ ପାଇଁ ୧୨୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ସୁଭଦ୍ରା ଯୋଜନାରେ ଅଦ୍ୟାବଧି ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ମହିଳା ପ୍ରଥମ କିସ୍ତି ପାଇସାରିଛନ୍ତି । ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା ଏମ୍ଏସ୍ପି ୨୩୦୦ ଟଙ୍କାରୁ ୮୦୦ ଟଙ୍କା ଅଧିକ ତଥା ୩୧୦୦ ଟଙ୍କାରେ କିଣିବା ପାଇଁ (୯ ପୃଷ୍ଠାରେ)

### ଆଦାନୀ ପ୍ରସଙ୍ଗରେ ବିରୋଧୀ ସାଂସଦଙ୍କ ଅଭିନବ ପ୍ରତିବାଦ

## କଳା ଜ୍ୟାକେଟ୍ ପିନ୍ଧି ସଂସଦ ପରିସରରେ ଶୋଭାଯାତ୍ରା




ନୂଆଦିଲ୍ଲୀ, ୫।୧୨ : ଆଦାନୀ ପ୍ରସଙ୍ଗରେ ସଂସଦ ଅଚଳ ହୋଇ ରହିଛି । ବିରୋଧୀ ସଦସ୍ୟମାନେ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ଶିଳ୍ପପତି ଆଦାନୀଙ୍କ ନାମରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ଦାବି କରୁଛନ୍ତି । ତେବେ ଆଜି ବିରୋଧୀ ସାଂସଦମାନେ ଏକ ଅନନ୍ୟ ଶୈଳୀରେ ଏହାର ପ୍ରତିବାଦ କରିଛନ୍ତି । ସେମାନେ ସଂସଦ ପରିସରରେ ବିକ୍ଷୋଭ କଲାବେଳେ ଏକ ଜ୍ୟାକେଟ୍ ପିନ୍ଧିଥିଲେ, ଯେଉଁଥିରେ ମୋଦି ଆଦାନୀ ଏକ୍ ହେ ଲେଖାଯାଇଥିଲା ।

ଆମେରିକାର ଏକ କୋର୍ଟରେ ଲାଞ୍ଚ ଅଭିଯୋଗ ଶିଳ୍ପପତି ଆଦାନୀଙ୍କ ନାମରେ ଆସିବା ପରେ ଏହାକୁ ବିରୋଧୀ ଦଳ ଅସ୍ତ୍ର କରିଛନ୍ତି । ଏହି ପ୍ରସଙ୍ଗରେ ସଂସଦ ଆରମ୍ଭ ହେବା ଦିନୁ ଅଚଳ ରହିଛି । ଆଜି ବିରୋଦୀ ସାଂସଦମାନେ କଳା ରଙ୍ଗର ଏକ ହାପ୍ ଜ୍ୟାକେଟ୍ ପିନ୍ଧିଥିଲେ । ଯେଉଁଥିରେ ମୋଦି-ଆଦାନୀଙ୍କୁ ନେଇ ସ୍ଲୋଗାନ ଲେଖାଯାଇଥିଲା । ନବନିର୍ବାଚିତ ଲୋକସଭା ସାଂସଦ ପ୍ରିୟଙ୍କା ଗାନ୍ଧି ମଧ୍ୟ ଏହି ପ୍ରତିକ ଧାରଣାରେ ସାମିଲ ହୋଇଥିଲେ । ଏହି ମାମଲାର ତଦନ୍ତ ପାଇଁ ସେମାନେ ଦାବି କରିଥିଲେ । ରାହୁଲ ଗାନ୍ଧି ଏଥିରେ ସାମିଲ ହୋଇ ତଦନ୍ତ ସରକାର ତଦନ୍ତ କରାଇବେ ନାହିଁ ବୋଲି ଖୋଲାଖୋଲି କହିଥିଲେ । ଏହି (୯ ପୃଷ୍ଠାରେ)

## ରାହୁଲଙ୍କୁ ଦେଶଦ୍ରୋହୀ କହିଲା ବିଜେପି



ନୂଆଦିଲ୍ଲୀ, ୫।୧୨ : ଆଦାନୀ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆକ୍ଷେପ କରୁଥିବାବେଳେ ଆଜି ବିଜେପି ପକ୍ଷରୁ ରାହୁଲ ଗାନ୍ଧିଙ୍କୁ କାଉଣ୍ଟର ଆଟାକ୍ କରାଯାଇଛି । ବିଜେପି ସାଂସଦ ସମ୍ବିତ୍ ପାତ୍ର ରାହୁଲଙ୍କୁ ଦେଶଦ୍ରୋହୀ ବୋଲି ଆକ୍ଷେପ କରିବାରୁ ଉଭୟ କଂଗ୍ରେସ ଓ ବିଜେପି ଏବେ ମୁହାଁମୁହିଁ ସ୍ଥିତିକୁ ଆସୁଛନ୍ତି । ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି ଯେ ଯେଉଁ ଅନ୍ତଃରାଷ୍ଟ୍ରୀୟ ଶକ୍ତି ଭାରତକୁ ଅସ୍ଥିର କରିବାକୁ ପ୍ରଚେଷ୍ଟା କରୁଛି ସେମାନଙ୍କ ସହ ରାହୁଲଙ୍କର ସମ୍ପର୍କ ରହିଛି । ଏଥିପାଇଁ ଏକ ତ୍ରିକୋଣୀୟ କାର୍ଯ୍ୟ କରୁଛି ବୋଲି ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି ।

ବିଜେପିର ଅନ୍ୟତମ ସାଂସଦ କେ. ଲକ୍ଷ୍ମଣ ମଧ୍ୟ ଅନୁରୂପ ମନ୍ତବ୍ୟ ଦେବାସହ ଫ୍ରାନ୍ସ ମିଡିଆର ମିଡିଆ ପାର୍ଟର ଏକ ଆଉଟ୍‌ଲେଟ୍‌କୁ ଦେଖାଇଥିଲେ । କହିଥିଲେ ଯେ ରାହୁଲ ଗାନ୍ଧିଙ୍କୁ ବଡ ଦେଶଦ୍ରୋହୀ କହିବାକୁ ସେ ପଛଘୁଞ୍ଚା ଦେଉନାହାନ୍ତି । ଗୋଟିଏ ପାର୍ଶ୍ୱରେ ଆମେରିକାର ଜର୍ଜ୍ ସୋର୍ସ ଅଛନ୍ତି ଓ ଆମେରିକାର କିଛି ଏଜେନ୍ସି ଅଛି । ଅନ୍ୟପଟେ ଓସିସି ଆର୍‌ପି ନାମକ ଏକ ବଡ ଆନ୍ତର୍ଜାତୀୟ ଗଣମାଧ୍ୟମ ପୋର୍ଟାଲ ରହିଛି । ଏହି ତ୍ରିକୋଣୀୟ ଗୋଷ୍ଠୀ ଭାରତକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି । ଏମାନେ ଭାରତରେ ଅସ୍ଥିରତା ଚାହୁଁଛନ୍ତି । ରାହୁଲଙ୍କର ଜର୍ଜ୍ (୯ ପୃଷ୍ଠାରେ)



# ଦଣ୍ଡାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ପିଠିକୁ ସିଧା କରି ବସିପଡ଼ନ୍ତୁ । ଆଗକୁ ଗୋଡ଼ ସିଧା ଭାବେ ଲମ୍ୱାନ୍ତୁ । ଏହାପରେ ଆପଣଙ୍କ ପାପୁଲିକୁ ସିଧା କରି ଭୂଇଁ ଉପରେ ରଖନ୍ତୁ । ଏହି ପୋଜ୍‌ରେ ରହି ଦୀର୍ଘ ନିଃଶ୍ୱାସ ଛାଡନ୍ତୁ ଏବଂ ୨୦ରୁ ୩୦ ସେକେଣ୍ଡ୍ ରହିବା ପରେ ପୁନଶ୍ଚ ପୂର୍ବସ୍ଥିତିକୁ ଫେରିଆସନ୍ତୁ ।

### ଉପକାର

- ଗୋଡ, ପିଠି ଏବଂ ଜଙ୍ଘ ମାଂସପେଶୀ ଶକ୍ତ ହେବ ।
- ନିଃଶ୍ୱାସ ନେବା କ୍ଷମତା ବୃଦ୍ଧି ପାଇବ ।
- ଆର୍ଥରିଟିସ୍ ଯନ୍ତ୍ରଣାରୁ ମୁକ୍ତି ମିଳିବ ।
- ପାଚନ ପ୍ରକ୍ରିୟା ଉନ୍ନତ ହେବ ।
- ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ।

## ଇତିହାସ

୧୭୩୨ – ଇଷ୍ଟଇଣ୍ଡିଆ କମ୍ପାନୀର ପ୍ରଥମ ଗଭର୍ଣ୍ଣର ଜେନେରାଲ ୱରେନ୍ ହଷ୍ଟିଂସଙ୍କ ଜନ୍ମ ।

୧୮୯୬ – ମଧ୍ୟପ୍ରଦେଶର ପ୍ରମୁଖ ସାମାଜିକ ଓ ରାଜନୈତିକ କାର୍ଯ୍ୟକର୍ତ୍ତା ବିଜ୍‌ଲାଲ ବିୟାନୀଙ୍କ ଜନ୍ମ ।

୧୯୧୭ – ରୁଷ୍ ଠାରୁ ଫିନ୍‌ଲାଣ୍ଡ୍ ସ୍ୱତନ୍ତ୍ର ହେଲା ।

୧୯୫୬ – ପ୍ରଖ୍ୟାତ ଅର୍ଥନୀତିଜ୍ଞ ତଥା ରାଜନେତା ବି. ଆର୍ ଆମ୍ବେଦକରଙ୍କ ଦେହାନ୍ତ ।


୧୯୫୮ – ଇଟାଲୀରେ ବିଶ୍ୱର ସବୁଠୁ ଦୀର୍ଘ ସୁଡଙ୍ଗର ନିର୍ମାଣ କାର୍ଯ୍ୟ ଆରମ୍ଭ ।

୧୯୯୨ – ଅଯୋଧ୍ୟାସ୍ଥିତ ବାବ୍ରି ମସଜିଦ୍‌କୁ ବିବାଦୀୟ ଢାଞ୍ଚାରେ ଭଙ୍ଗାଯାଇଥିଲା । ଏହାସହ ଭାରତର ଅନେକ ସ୍ଥାନରେ ଦଙ୍ଗା ହୋଇଥିଲା ।

୧୯୯୮ – ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମେଜର ହୋସିଆର ସିଂ ଦହିଆଙ୍କ ପରଲୋକ ।

୧୯୯୯ – ଇଣ୍ଡୋନେସିଆ ଜେଲରୁ ୨୮୩ ଜଣ କଏଦୀ ଫେରାର ।

# ପଲିଷ୍ଟିକ୍ ଓଭାରୀ ସିଣ୍ଡ୍ରମ



**ମହିଳା ମାନଙ୍କର ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ପଲିଷ୍ଟିକ୍ ଓଭାରୀ ସିଣ୍ଡ୍ରମ ବା ପିସିଓଏସ୍ ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହା ପ୍ରାୟ ମହିଳାଙ୍କ ନିକଟରେ ଦେଖିବାକୁ ମିଳିଥାଏ । ତେବେ ଆମେ ଘରେ ବ୍ୟବହାର କରୁଥିବା କିଛି ସାମଗ୍ରୀକୁ ପିସିଓଏସ୍‌ର ଉପଚାର ଭାବେ ବ୍ୟବହାର କରିପାରିବା । ଆସନ୍ତୁ ଜାଣିବା ସେହିଭଳି କିଛି ସାମଗ୍ରୀ ସମ୍ୱନ୍ଧରେ..**

**ମେଥି–** ମେଥି ଆମ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ । ଏହା ଆମର ଋତୁସ୍ରାବକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହାସହିତ ମେଥି ଖାଇବା ପିସିଓସି ପାଇଁ ଖୁବ ଉପକାରୀ ସାବସ୍ତ୍ୟ ହୋଇଥାଏ ।

**ଡାଲ୍‌ଚିନି–** ଡାଲଚିନି ଯେ କେବଳ ତରକାରୀର ସ୍ୱାଦ ବଢାଇଥାଏ ଏପରି ନୁହେଁ, ଏହା ଆମର ସ୍ୱାସ୍ଥ୍ୟ ପାଇଁ ମଧ ଖୁବ ଉପକାରୀ । ଏହା ଋତୁସ୍ରାବ ଅନିୟମିତ ହେଉଥିଲେ ଏହାକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଆମ ଶରୀରରେ ଇନ୍ସୁଲିନ୍ ରେଜିଷ୍ଟାନ୍ସ ବଢାଇଥାଏ ।

**ପିପ୍ପଳି–** ପିପ୍ପଳି ମହିଳାମାନଙ୍କ ପାଇଁ ଖୁବ ଉପକାରୀ । ଏହା ଏକ ଆଣ୍ଟି ଅକ୍ସିଡାଣ୍ଟ ଭଳି କାର୍ଯ୍ୟ କରିଥାଏ । ଏହା ଏକ ସୁସ୍ଥ ସେଲ୍‌ର ଅକ୍ସିଡେସନ୍‌କୁ ରୋକିଥାଏ । ଏହା ଆମର ଇନ୍‌ସୁଲିନ୍ ଲେବଲ ସହିତ ହର୍ମୋନ ଲେବଲକୁ ମଧ ନିୟନ୍ତ୍ରଣରେ ରଖିଥାଏ । ସେହିଭଳି ଏହା ମହିଳାଙ୍କର ଓଜନ ନିୟନ୍ତ୍ରଣରେ ମଧ ସହାୟକ ହୋଇଥାଏ ।



# ସିଙ୍ଗାପୁରୀ ଫ୍ରାଏଡ ରାଇସ୍

**ସାମଗ୍ରୀ–** ଏକ କପ୍ ଚାଉଳ, ଅଳ୍ପ କଟା ରସୁଣ, ଚିମୁଟାଏ ଗୋଲମରିଚ ଗୁଣ୍ଡ, ଅଧାକପ କଟା ପିଆଜଷଣ୍ଢ, ଅଧାକପ୍ କ୍ୟାପିସ୍‌କମ୍, ଅଳ୍ପ ପରିମାଣ ଗାଜର, କଞ୍ଚା ଲଙ୍କା ୨ଟା, ଚିଲି ସସ୍, ସୋୟା ସସ୍, ଚିଲି ଗାର୍ଲିକ ସସ୍, ଟମାଟର ସସ୍,

**ପ୍ରଣାଳୀ–** ପ୍ରଥମେ ଭାତକୁ ରାନ୍ଧି ନିଅନ୍ତୁ । ରାନ୍ଧିବା ପରେ ଏହାକୁ ଭଲ କରି ଥଣ୍ଡା କରନ୍ତୁ । ଗୋଟିଏ ପ୍ୟାନ୍‌ରେ ତେଲ ପକାଇ ଏଥିରେ ରସୁଣ ଖଣ୍ଡ ପକାଇ ଭଲକରି ଭାଜନ୍ତୁ । ଏହାପରେ ଏଥିରେ କଞ୍ଚାଲଙ୍କା ଓ ସମସ୍ତ କଟା ହୋଇଥିବା ପରିବା ପକାଇ ଭାଜନ୍ତୁ । ଲୁଣ ପକାଇ ପରିବାକୁ କିଛି ସମୟ ଭାଜନ୍ତୁ । କିଛି ସମୟ ପରେ ଏଥିରେ ରନ୍ଧା ଭାତ ସହିତ ସମସ୍ତ ସସ୍‌କୁ ପକାଇ ମିଶାନ୍ତୁ । କିଛି ସମୟ ଭାଜିବା ପରେ ଧନିଆ ପତ୍ର ପକାଇ ଆଞ୍ଚ ବନ୍ଦ କରିନିଅନ୍ତୁ । ରାଇତା ସହିତ ପରଷନ୍ତୁ ସିଙ୍ଗାପୁର ଫ୍ରାଏଡ୍ ରାଇସ୍ ।

## ସୋସିଆଲ କୋଟ୍ସ



ମା' ମୁଁ ତୁମଙ୍କୁ ସବୁଠାରୁ ଅଧିକ ଭଲ ପାଏ । ତୁମ ଠାରୁ ଭଲ ଲୋକ କେହି ବି ନାହାନ୍ତି । ତୁମ ଚାରିପାଖରେ ଆମ ଦୁନିଆ ବୁଲୁଛି । ଆମ ପାଇଁ ତୁମେ ସବୁଠାରୁ ଅଧିକ ।

**ମଲାଇକା ଅରୋରା, ଅଭିନେତ୍ରୀ**



ଜଣେ ସିପାହୀର ଚରିତ୍ର ବେଶ୍ ଆହ୍ୱାନପୂର୍ଣ୍ଣ ହୋଇଥାଏ । ଏହି ଚରିତ୍ରରେ ଅଭିନୟ କରି ମୁଁ ବେଶ୍ ଖୁସି ଅଛି । ଏଥିରୁ ମୋତେ ବହୁତ କିଛି ଶିଖିବାକୁ ମିଳିଲା ।

**ଖେସାରୀ ଲାଲ୍ ଯାଦବ, ଅଭିନେତା**



ଆଲୋକନାଥଙ୍କ ସହିତ ମୋର ଖୁବ ଭଲ ଅନୁଭୂତି ରହିଛି । ତାଙ୍କ ଠାରୁ ବହୁତ ଭଲ କଥା ଶିଖିଛି । ତାଙ୍କ ବିରୋଧରେ ମି ଠୁରେ ଯେତେବେଳେ ଅଭିଯୋଗ ଆସିଲା ବହୁତ କଷ୍ଟ ହୋଇଥିଲା ଶୁଣିଲା ପରେ । ଏହା ସମ୍ପୂର୍ଣ୍ଣ ମିଥ୍ୟା ଅଭିଯୋଗ ଥିଲା

**ନାରାୟଣୀ ଶାସ୍ତ୍ରୀ, ଅଭିନେତ୍ରୀ**



# ରାତିରେ ମିଳିବ ସୌର ଶକ୍ତି

ଏକ ରିପୋର୍ଟ ଅନୁସାରେ ବିଶ୍ୱରେ ପ୍ରାୟ ୭୫୦ ମିଲିଅନରୁ ଅଧିକ ଲୋକ ରାତିରେ ବିଜୁଳି ବ୍ୟବହାର କରିବାକୁ ପାଉନାହାନ୍ତି । ତେବେ ବିଜୁଳିର ଏକ ବଡ ବିକଳ୍ପ ଭାବେ ସୋଲାର ସେଲ୍‌କୁ ବ୍ୟବହାର କରାଯାଉଛି । ହେଲେ କେବଳ ଦିନରେ ହିଁ ଏହାର ବ୍ୟବହାର ହେଉଥିବା ବେଳେ ଏର୍ନଜିକୁ ଷ୍ଟୋର କରିବା ପାଇଁ ବ୍ୟାଟେରିର ଆବଶ୍ୟକତା ପଡୁଛି । ତେବେ ଏହି ସମସ୍ୟାର ମଧ ସମାଧାନ ବାହାରିଛି । କାର୍ଲିଫର୍ଣ୍ଣିଆର ଷ୍ଟାଣ୍ଡ୍‌ଫର୍ଡ ବିଶ୍ୱବିଦ୍ୟାଳୟ ଏକ ଫଟୋଭୋଲାଟିକ୍ ସେଲ୍‌ର ଉଦ୍ଭାବନ କରିଛନ୍ତି, ଯାହା ପରିବେଶରୁ ଦିନ ଓ ରାତି ଉଭୟ ସମୟରେ ଶକ୍ତି ଉତ୍ପାଦନ କରିପାରିବ । ତେବେ ଏହି ପ୍ରକ୍ରିୟା କାରଣରୁ ବ୍ୟାଟେରି ବ୍ୟବହାରର ସମସ୍ୟା ମଧ କେତେକାଂଶରେ କମିବ ବୋଲି ବୈଜ୍ଞାନିକ ଆଶା ପ୍ରକାଶ କରିଛନ୍ତି । ରାତ୍ରି ସମୟରେ ସୋଲାର ସେଲ୍ କିଛି ମାତ୍ରାରେ ହିଟ୍‌କୁ ଆକାଶକୁ ପୁନଃ ପ୍ରେରିତ କରିଥାଏ । ଏହି ମେସିନ୍‌ଟି ଏକ ଥର୍ମୋଇଲେକଟ୍ରିକ୍ ମୋଡୁ୍ୟଲ ବ୍ୟବହାର କରି ସେଲ୍ ଏବଂ ବାୟୁ ମଧ୍ୟରେ ଥିବା ତାପମାତ୍ରା ଗ୍ରେଡିଏଣ୍ଟରୁ ଭୋଲ୍ଟେଜ ଓ କରେଣ୍ଟ ଉଦ୍ଭାବନ କରିବ । ଏହି ମେସିନ୍‌ର ଡିଜାଇନ୍‌ରେ ଗୋଟିଏ ପଟ ଥଣ୍ଡା ସାଇଡ୍ ଥିବା ବେଳେ ଅନ୍ୟ ପଟଟି ଗରମ ଥାଏ । ତେବେ ଏହା ଉପରେ ଅଧିକ ଗବେଷଣା କରାଯାଉଛି, ଯାହା ଏହାର କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବ ।



# ଶିବଙ୍କ ଲୁହରୁ ରୁଦ୍ରାକ୍ଷ ସୃଷ୍ଟି

ସାଧୁ ସନ୍ଥଙ୍କଠାରୁ ଆରମ୍ଭ କରି ଅନ୍ୟ ସାଧାରଣ ଲୋକ ମାନେ ମଧ ରୁଦ୍ରାକ୍ଷ ପିନ୍ଧିଥାଆନ୍ତି । କେତେକ ମନ୍ତ୍ର ଜପ କରିବାକୁ ରୁଦ୍ରାକ୍ଷର ବ୍ୟବହାର କରନ୍ତି । ହିନ୍ଦୁ ଧର୍ମରେ ରୁଦ୍ରାକ୍ଷକୁ ବହୁତ ପବିତ୍ର ବିବେଚନା କରାଯାଇଥାଏ । ରୁଦ୍ରାକ୍ଷର ସମ୍ବନ୍ଧ ଭଗବାନ ଶିବଙ୍କ ସହ ରହିଛି । ଶିବଙ୍କର ଅନ୍ୟ ନାମ ରୁଦ୍ର । ରୁଦ୍ରାକ୍ଷ ଶବ୍ଦଟି ମଧ ଦୁଇଟି ଶବ୍ଦ ମିଶିକରି ତିଆରି ହୋଇଛି । ରୁଦ୍ରର ଅର୍ଥ ଭଗବାନ ଶିବ ଓ ଅକ୍ଷର ଅର୍ଥ ଲୁହ । ତେଣୁ ଶିବଙ୍କ ଲୁହରୁ ରୁଦ୍ରାକ୍ଷର ସୃଷ୍ଟି ହୋଇଛି ବୋଲି ବିଶ୍ୱାସ ରହିଛି । ପୁରାଣରେ ବର୍ଣ୍ଣିତ କଥା ଅନୁସାରେ ସତୀଙ୍କ ବିରହରେ ଶିବଙ୍କ ଆଖିରୁ ବାହାରିଥିବା ଅଶ୍ରୁରୁ ରୁଦ୍ରାକ୍ଷ ବୃକ୍ଷର ସୃଷ୍ଟି । ଯେଉଁ ଯେଉଁ ସ୍ଥାନରେ ଶିବଙ୍କର ଲୁହ ପଡିଥିଲା ସେହି ସ୍ଥାନରେ ରୁଦ୍ରାକ୍ଷ ବୃକ୍ଷର ସୃଷ୍ଟି ହୋଇଛି । ରୁଦ୍ରାକ୍ଷର ଅନେକ ମହତ୍ୱ ରହିଛି । ରୁଦ୍ରାକ୍ଷକୁ ଧାରଣ କଲେ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା ସକରାତ୍ମକ ଉର୍ଜାର ପ୍ରତୀକ । ଏହାକୁ ପିନ୍ଧିବା ଫଳରେ ଶାରୀରିକ ଓ ମାନସିକ ଶକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି । ରୁଦ୍ରାକ୍ଷ ମଧ୍ୟରେ ଏକମୁଖି ରୁଦ୍ରାକ୍ଷ ଦୁର୍ଲଭ ହୋଇଥାଏ । ଏହା ଶରୀରର ରକ୍ତ ସଞ୍ଚାଳନ ବଢାଇଥାଏ । ରୁଦ୍ରାକ୍ଷର ଅନେକ ପ୍ରକାର ରହିଛି । ସମସ୍ତ ପ୍ରକାରର ଅଲଗା ଅଲଗା ମହତ୍ୱ ମଧ ରହିଛି ।

# ମିରାକିଲ୍ ଗାର୍ଡେନ୍

ସାଧାରଣ ଫୁଲ ବଗିଚାଟିଏ ସମସ୍ତଙ୍କୁ ଆର୍କଷଣୀୟ ଲାଗିଥାଏ । ତେବେ ବିଶ୍ୱରେ ଏଭଳି ଅନେକ ବଗିଚା ରହିଛି ଯାହା ନିଜର ସୌନ୍ଦର୍ଯ୍ୟ ପାଇଁ ପ୍ରର୍ଯ୍ୟଟକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସଫଳ ହୋଇପାରିଛି । ସେହିଭଳି ଦୁବାଇରରେ ରହିଛି ମିରାକିଲ୍ ଗାର୍ଡେନ୍ ଯାହା ଦୁନିଆର ସବୁଠାରୁ ବଡ ଫୁଲ ବଗିଚା । ଦୁବାଇର ଦୁବାଇଲାଣ୍ଡ ଜିଲ୍ଲାରେ ରହିଛି ମିରାକିଲ୍ ଗାର୍ଡେନ୍ । ୨୦୧୩ ମସିହା ଭ୍ୟାଲେଣ୍ଟାଇନ୍ ଡେ ଦିନ ଏହି ବଗିଚାକୁ ଖୋଲା ଯାଇଥିଲା । ୭୨ ହଜାର ସ୍କୋୟାର୍ ମିଟର ପରିଧିରେ ବ୍ୟାପ୍ତ ଏହି ବଗିଚା ଦୁନିଆର ସବୁଠାରୁ ବଡ ଫୁଲ ବଗିଚା । ଏହି ବଗିଚାରେ ପ୍ରାୟ ୫୦ ମିଲିଅନ୍‌ରୁ ଊର୍ଦ୍ଧ୍ୱ ଫୁଲ ଥିବାବେଳେ ୨୫୦ ମିଲିଅନ ଗଛ ରହିଛି । ବଗିଚାଟିକୁ ନିର୍ମାଣ କରିବା ପାଇଁ ପାଖାପାଖି ୪୦ ମିଲିଅନ ଡଲାର ଖର୍ଚ୍ଚ ହୋଇଛି । ବଗିଚାଟି ପ୍ରତିବର୍ଷ ଅକ୍ଟୋବରରୁ ଏପ୍ରିଲ୍ ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ମଇ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବନ୍ଦ ରହିଥାଏ । କାରଣ ଏହି ମାସରେ ତାପମାତ୍ରାରେ ବୃଦ୍ଧି ଘଟିଥାଏ । କେବଳ ଯେ ଫୁଲ ତାହା ନୁହେଁ ଏଠାରେ ରହିଛି ଦୁନିଆର ସବୁଠାରୁ ବଡ ଇନ୍‌ଡୋର ପ୍ରଜାପତି ବଗିଚା, ଯାହା ୨୦୧୫ରେ ଖୋଲାଯାଇଥିଲା । ଏହି ସାଞ୍ଚୁରୀରେ ୨୬ ପ୍ରଜାତିର ପ୍ରାୟ ୧୫,୦୦୦ ପ୍ରଜାପତି ଅଛନ୍ତି । ଏହି ସୁନ୍ଦର ଗାର୍ଡେନ୍ ନାଁ ତିନୋଟି ଗିନଜ୍ ବିଶ୍ୱ ରେକର୍ଡରେ ବି ସାମିଲ ହୋଇଛି । ୨୦୧୩ରେ ଏହାକୁ ଦୁନିଆର ସବୁଠାରୁ ବଡ ଭର୍ଟିକାଲ ଗାର୍ଡେନର ଆଖ୍ୟା ଦିଆଯାଇଛି । ଏହି ଗାର୍ଡେନ୍‌ରେ ଏଭଳି ଅନେକ ସାମଗ୍ରୀ ରହିଛି, ଯାହାର ସୌନ୍ଦର୍ଯ୍ୟ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବାନ୍ଧ ରଖିବାରେ ସଫଳ ହୋଇଥାଏ । ଏଠାରେ କେବଳ ଯେ ଫୁଲଗଛ ଅଛି ତାହା ନୁହେଁ, ଏହା ବ୍ୟତିତ ଏଠାରେ ବିଭିନ୍ନ କଳାକୃତ୍ତି ରହିଛି ଯାହା ଏହି ଗାର୍ଡେନ୍‌ର ଶୋଭା ବର୍ଦ୍ଧିତ କରିଥାଏ । ସେଥିରେ ଅନେକ କଳାକୃତ୍ତି ସାମିଲ, ତେବେ ସେଥିମଧ୍ୟରୁ କେତେକ ପର୍ଯ୍ୟଟକଙ୍କ ଦୃଷ୍ଟିରେ ଆଗ ପଡିଥାଏ । ସେହି କଳାକୃତ୍ତି ତାଲିକାରେ ପ୍ରଥମେ ରହିଛି ଫ୍ଲୋଟିଙ୍ଗ ଲେଡି । ଏହି ମୂର୍ତ୍ତିଟି ବିଭିନ୍ନ ଭାବନାକୁ ପ୍ରତିପାଦିତ କରିଥାଏ । ଏହା ଫ୍ଲୋରାଲ କଳାକୃତ୍ତିର ଏକ ନିଆରା ଉଦାହରଣ ।



# ଚାଲେଞ୍ଜିଂ ଥିଲା ଅଭିନୟ

ବର୍ତ୍ତମାନ ଅଭିନେତ୍ରୀ ନାୟରା ଏମ୍ ବାନାର୍ଜୀ ନିଜର ପ୍ରଫେସନାଲ କ୍ୟାରିୟରକୁ ନେଇ ଚର୍ଚ୍ଚାରେ ଅଛନ୍ତି । ନିଜର ହଙ୍ଗାମାରେ ଷ୍ଟ୍ରିମ୍ ହେଉଥିବା କ୍ରାଇମ୍ ଥ୍ରିଲର ଶୋ ଚେକ୍‌ମେଟ୍ ଓ ବିଗ୍‌ବସ୍–୧୮କୁ ନେଇ ଲାଇମ୍ ଲାଇଟ୍‌ରେ ଅଛନ୍ତି । ନିକଟରେ ଏକ ସାକ୍ଷାତକାରରେ ମନଖୋଲି କଥା ହୋଇଛନ୍ତି ନାୟରା । ସେ କ୍ୟାରିୟରରେ ଏଠାରେ ପହଞ୍ଚିବାକୁ ଅନେକ ପରିଶ୍ରମ କରିଛନ୍ତି । ଚେକ୍‌ମେଟ୍ ଶୋ ତାଙ୍କ ପାଇଁ ଖୁବ ଲାଭଦାୟକ ସାଜିଥିଲା । ଏହି ଶୋରେ କରିଥିବା ଚରିତ୍ର ତାଙ୍କ ପାଇଁ ସବୁବେଳେ ସ୍ପେସାଲ ରହିବ ବୋଲି ସେ କହିଛନ୍ତି । ତେବେ ଏହି ଚରିତ୍ରକୁ ଜୀବନ୍ତ କରିବା ତାଙ୍କ ପାଇଁ ଚାଲେଞ୍ଜିଂ ଥିଲା । ତାଙ୍କୁ ଏଥିପାଇଁ ଅନେକ ପରିଶ୍ରମ କରିବାକୁ ପଡିଛି । ସେହି ସବୁ ପରିଶ୍ରମର ଫଳ ତାଙ୍କୁ ମିଳିଥିଲା ଏବଂ ଏହି ଚରିତ୍ର ଖୁବ ପ୍ରଶଂସା ସାଉଁଟିଥିଲା । ଲୋକମାନେ ଆଜି ବି ତାଙ୍କୁ ଏହି ଚରିତ୍ର ପାଇଁ ମନେ ରଖିଛନ୍ତି ।



ସ୍ମରଣରେ ଆପଣଙ୍କ ସ୍ନେହ ଓ ଭଲପାଇବାର ଅମୃତ ଉଚ୍ଚାରଣ. . .
ପ୍ରୟାଣର ୮ମ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୧୯୨୯ - ୨୦୧୬
ସ୍ମୃତିରେ ଇଚ୍ଛାବତୀ ରଥ
ଆପଣଙ୍କ ଶୁଭାଶିଷ ଏବଂ ମୂଲ୍ୟବୋଧର ମହନୀୟ ଭିତ୍ତିଭୂମିରେ ପ୍ରତିଷ୍ଠିତ :-
SRI DURGA CONDEV PVT. LTD.
DRiEMS UNIVERSITY
PRAMOD HOTELS & RESORTS
PADMINI care
୦୬/୧୨/୨୦୨୪ (ଶୁକ୍ରବାର), ସ୍ମୃତିଚାରଣ କାର୍ଯ୍ୟକ୍ରମ
ସ୍ଥାନ - ଜୟଶ୍ରୀ ଅଡ଼ିଟୋରିୟମ୍, ସମୟ - ପୂର୍ବାହ୍ନ ୧୧ଘଟିକା
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ରଥ ପରିବାର



ନବଗଠିତ ମହାରାଷ୍ଟ୍ର ମନ୍ତ୍ରୀମଣ୍ଡଳର ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ମୁମ୍ବାଇ ଠାରେ ପହଞ୍ଚିବା ପରେ ମୁମ୍ବାଇ ସ୍ଥିତ ପ୍ରବାସୀ ଓଡ଼ିଆମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

# ଭୁବନେଶ୍ୱର ଠାରେ ନ୍ୟାୟିକ ଅଦାଲତ ପରିସରକୁ ଉଦଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରଠାରେ ନୂତନ ନ୍ୟାୟିକ ଅଦାଲତ ପରିସରକୁ ଉଦଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଠିକ୍ ସମୟରେ ନ୍ୟାୟ ନମିଳିବା ଅନ୍ୟାୟ ସହିତ ସମାନ । ବିଚାର ପ୍ରକ୍ରିୟା ସ୍ଥଗିତ ରଖାଯିବା ସଂସ୍କୃତି ଯୋଗୁଁ ଗରିବମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି । ବାରମ୍ବାର ଅଦାଲତକୁ ଆସିବା ପାଇଁ ସେମାନଙ୍କ ପାଖରେ ଅର୍ଥ କିମ୍ବା ମାନବ ସମ୍ବଳ ନାହିଁଛ ସମସ୍ତ ଅଂଶୀଦାରମାନେ ସାଧାରଣ ଲୋକଙ୍କ ସ୍ୱାର୍ଥରେ ସ୍ଥଗିତ ରଖାଯିବାର ସଂସ୍କୃତିକୁ ଏଡ଼ାଇବା ପାଇଁ ଏକ ଉପାୟ ଖୋଜିବା ପାଇଁ ପ୍ରାଥମିକତା ଦେବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ ।





ରାଷ୍ଟ୍ରପତି କହିଥିଲେ ଯେ ଭାଷା ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଏକ ପ୍ରତିବନ୍ଧକ । ଓକିଲ ସେମାନଙ୍କ ସପକ୍ଷରେ କ'ଣ ଯୁକ୍ତି କରୁଛନ୍ତି କିମ୍ବା ବିଚାରପତି କ'ଣ ରାୟ ଦେଉଛନ୍ତି ତାହା ସେମାନେ ବୁଝିପାରନ୍ତି ନାହିଁ । ନ୍ୟାୟାଳୟଙ୍କ ରାୟଗୁଡ଼ିକ ବର୍ତ୍ତମାନ ଓଡ଼ିଆ ଏବଂ ସାନ୍ତାଳୀ ଭାଷାରେ ଅନୁବାଦ କରାଯାଉଛି ଏବଂ ଏହି ଅନୁବାଦିତ ରାୟଗୁଡ଼ିକ ସୁପ୍ରିମକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟର ୱେବସାଇଟରେ ଉପଲବ୍ଧ ବୋଲି ଜାଣି ରାଷ୍ଟ୍ରପତି ଖୁସି ହୋଇଥିଲେ । ରାଷ୍ଟ୍ରପତି କହିଥିଲେ ଯେ ଆଜି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି । ଅନ୍ୟ କ୍ଷେତ୍ର ଭଳି ନ୍ୟାୟପାଳିକାରେ ମଧ୍ୟ ମହିଳାଙ୍କ ଭାଗିଦାରୀ ବଢ଼ୁଛି । ବର୍ତ୍ତମାନ ଓଡ଼ିଶା ନ୍ୟାୟିକ ସେବାରେ ୪୮ ପ୍ରତିଶତ ମହିଳା ଅଧିକାରୀ ରହିଥିବା ସେ ଉଲ୍ଲେଖ କରିଥିଲେ । ଆଗାମୀ ଦିନରେ ମହିଳା ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ରାଷ୍ଟ୍ରପତି ଦୃଢ଼ ବିଶ୍ୱାସ ପ୍ରକଟ କରିଥିଲେ ।

ରାଷ୍ଟ୍ରପତି କହିଥିଲେ ଯେ, ସାଧାରଣ ନାଗରିକମାନେ କିପରି ବିନା ଭୟରେ ନ୍ୟାୟିକ ବ୍ୟବସ୍ଥା ସହିତ ଯୋଗାଯୋଗ କରିପାରିବେ ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଅଧିକାଂଶ ସମୟରେ ଲୋକମାନେ ଓକିଲ ଓ ବିଚାରପତିଙ୍କ ସମ୍ମୁଖରେ ଭୟଭୀତ ହୋଇଯାଆନ୍ତି । ଅଦାଲତରେ ଏକ ସମ୍ବେଦନଶୀଳ ବାତାବରଣ ରହିବା ଜରୁରୀ ଯାହାଦ୍ୱାରା ସେମାନେ ମୁକ୍ତ ଭାବରେ ନିଜକୁ ପ୍ରକାଶ କରିପାରିବେ । ବର୍ତ୍ତମାନ ଏବଂ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବା ପାଇଁ ନୂତନ ଅଦାଲତ ପରିସରକୁ ଡିଜାଇନ୍ କରାଯାଇଥିବା ଦର୍ଶାଇ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ । ସେ କହିଥିଲେ, ଏଥିରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଉଛି । କୋର୍ଟ ପରିସରରେ ଆଧୁନିକ ସୁବିଧା ନ୍ୟାୟିକ କ୍ଷେତ୍ରରେ ସୁରୁଖୁରୁରେ କାମ କରିବାରେ ସହାୟକ ହେବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରଜ୍ୟପାଳ ରଘୁବିରଦାସ, ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଉପସ୍ଥିତ ଥିଲେ ।

# ଅଧିକ ସଂଖ୍ୟାରେ ମୋ ବସ ଚଳାଚଳ ସମ୍ପର୍କରେ ଜଣାଅ : ହାଇକୋର୍ଟ

କଟକ,(ସବ୍ୟୁ) ମୋ ବସ ଚାଳକ ମାନଙ୍କ ବେପରୁଆ ଗାଡି ଚାଳନା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି । ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁପାଳନ ପୂର୍ବକ ଏକ ସତ୍ୟପାଠ ଆଜି ଦାଖଲ ହୋଇଥିବା ବେଳେ କଟକ ସହରରେ ମୋ ବସ ଚଳାଚଳ ସମୟ ଅନ୍ତର ୪୦ରୁ ୩୦ମିନିଟକୁ କମାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି ହାଇକୋର୍ଟ । ଅନ୍ୟପଟରେ ଅଧିକ ସଂଖ୍ୟାରେ ମୋ ବସ ଚଳାଚଳ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ଆଜି ଭର୍ଚୁଆଲରେ ଉପସ୍ଥିତ ରହି କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନସ୍ପୋର୍ଟ(କ୍ରୁଟ)ର ପରିଚାଳନା ନିର୍ଦ୍ଦେଶକ ଡ.ଏନ.ଥିରୁମାଲା ନାଏକ ଅଦାଲତଙ୍କୁ ଅବଗତ କରାଇଥିଲେ । ପରବର୍ତ୍ତୀ ଶୁଣାଣି ସମୟରେ ନୂତନ ମୋ ବସ ଚଳାଚଳ ସମ୍ପର୍କରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ । କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଅବଗତ କରିଥିଲେ ଜାନୁଆରି ସୁଦ୍ଧା ଅଧିକ ୧୦୦ଟି ନୂତନ ବସ ମୋ ବସ ସେବାରେ ସାମିଲ ହେବା ପାଇଁ ଯୋଜନା ରହିଛି । ଅଧିକ ସଂଖ୍ୟାରେ ଇଲେକ୍ଟ୍ରିକ ବସ ଚଳାଚଳ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ । ସେହିଭଳି ନିଜେ ମୋ ବସରେ ଜଣେ ସାଧାରଣ ଯାତ୍ରୀ ଭାବେ ଯାତାୟତ କରି ବସରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । କଟକ ସହରରେ ୧୫୩ଟି ବସ ଷ୍ଟପ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଛି । ସିଏମସି ଓ ସିଡିଏଙ୍କୁ ଏଥିପାଇଁ ଜାଗା ଯୋଗାଇଦେବା ପାଇଁ କୁହାଯାଇଥିବା ସତ୍ୟପାଠରେ ଉଲ୍ଲେଖ ରହିଛି । ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ଦିନ ମୋ ବସ ଗାଡି ଚାଳକଙ୍କ ବ୍ରେଥ ଆନାଲାଇଜର ଟେଷ୍ଟ କରାଯାଉଛି । ବର୍ତ୍ତମାନ ସୁଦ୍ଧା ୨୫୩୮ ଟେଷ୍ଟ କରାଗଲାଣି । ମଦ୍ୟପାନ କରି ଗାଡି ଚଳାଉଥିବା କାରଣରୁ ୬ଜଣ ଚାଳକଙ୍କୁ ବିଦା କରାଯାଇଛି ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ରାଜ୍ୟରେ ମୋଟ ୪୭୫ଟି ମୋ ବସ ଚଳାଚଳ କରୁଥିବା ବେଳେ କଟକ ସହରରେ ୯୪ଟି ଚାଲୁଛି । ସମସ୍ତ ବସ ପାଇଁ ବୀମା କରାଯାଇଛି । କ୍ରୁଟ ପକ୍ଷରୁ ୭୯୦ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ନେଇ ହାଇକୋର୍ଟଙ୍କୁ ଅବଗତ କରାଯାଇଛି ।

## କିଲ୍ଲା ପଡିଆରେ ମେଳା ମହୋତ୍ସବ ଆୟୋଜନ ପ୍ରସଙ୍ଗ

# ସ୍ୱତନ୍ତ୍ର ବୈଠକ ଆହୂତ କରାଯିବ ବୋଲି ହାଇକୋର୍ଟଙ୍କୁ ଜଣାଇଲେ ଜିଲ୍ଲାପାଳ

କଟକ,(ସବ୍ୟୁ):ଐତିହାସିକ କଟକ ବାଲିଯାତ୍ରା ଉପର ପଡିଆ (କିଲ୍ଲା ପଡିଆ)ରେ ବର୍ଷ ତମାମ ବିଭିନ୍ନ ମେଳା ମହୋତ୍ସବ ଓ ବାଲିଯାତ୍ରା ଆୟୋଜନ ନେଇ ସମସ୍ୟା ଉପୁଜୁଥିବାରୁ ହାଇକୋର୍ଟ ପୂର୍ବରୁ ଉଦବେଗ ପ୍ରକାଶ କରିଥିଲେ । ତେବେ ବାଲିଯାତ୍ରା ଉପର ପଡିଆରେ ମେଳା ମହୋତ୍ସବ ଆୟୋଜନ ପ୍ରସଂଗରେ ବିଭିନ୍ନ ବିଭାଗକୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରାଯିବ ବୋଲି ଗୁରୁବାର କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି । ଏବେ ବିଧାନସଭା ଅଧିବେଶନ ଚାଲିଥିବାରୁ ଆସନ୍ତା ୨୦ତାରିଖ ପରେ ଏହି ବୈଠକ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ପରବର୍ତ୍ତୀ ଶୁଣାଣି ସମୟରେ ଏ ପ୍ରସଂଗରେ ତଥ୍ୟ ଉପସ୍ଥାପନ କରିବାକୁ ହାଇକୋର୍ଟ କହିଛନ୍ତି । କଟକ ସହର ସମସ୍ୟା ପ୍ରସଂଗରେ ଦାୟର ଜନସ୍ୱାର୍ଥ ମାମଲା ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଉପର ପଡିଆରେ ମେଳା ମହୋତ୍ସବ ନକରିବା ପାଇଁ ହାଇକୋର୍ଟ ପରାମର୍ଶ ଦେଇଥିଲେ । ତେବେ ଚଳିତ ବର୍ଷ ବାଲିଯାତ୍ରାକୁ ହାଇକୋର୍ଟ ଉପର ପଡିଆରେ ଆୟୋଜନ କରିବାକୁ ଅନୁମତି ଦେଇଥିଲେ । ଅନ୍ୟପଟରେ ଉପର ପଡିଆରେ ଏକ ବାଉଁଶ ଟେଣ୍ଟ ନିର୍ମାଣ କରାଯାଉଥିବା ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସରକାରୀ କାର୍ଯ୍ୟକ୍ରମକୁ ତଳ ପଡିଆ ବୈଷ୍ଣବପାଣି ମଞ୍ଚକୁ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ହାଇକୋର୍ଟ ବାର ସଭାପତି ବିଜୟ କୁମାର ଦାଶ, ଆଡଭୋକେଟ କମିଟି ସଦସ୍ୟ ମହମ୍ମଦ ଆରିଫ ଉଦ୍ଦିନ ଖାଁ,ସରୋଜ କୁମାର ପାଢୀ,ବିଭୁତି ଭୂଷଣ ଚୋଧୁରୀ ପ୍ରମୁଖ ଏହି ମାମଲା ପରିଚାଳନା କରୁଛନ୍ତି ।

# ୭ଦିନ ମଧ୍ୟରେ ନଦୀ ଶଯ୍ୟାରୁ ବେଆଇନ ହୋର୍ଡିଂ ଉଚ୍ଛେଦ,ସଂସ୍ଥା ଠାରୁ ହେବ ଖର୍ଚ୍ଚ ଭରଣା

କଟକ, (ସବ୍ୟୁ):କାଠଯୋଡ଼ି ନଦୀ ଶଯ୍ୟାରେ ବେଆଇନ ଭାବେ ହୋର୍ଡିଂ ଲଗାଯାଇଥିବା ନେଇ ଆଡଭୋକେଟ କମିଟି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ତେବେ ନଦୀ ଶଯ୍ୟାରେ ବେଆଇନ ହୋର୍ଡିଂ ଲଗାଇଥିବା ସଂସ୍ଥା ବିରୋଧରେ ବାଦାମବାଡି ଥାନାରେ ଏତଲା ଦିଆଯାଇଛି । ସମ୍ପୃକ୍ତ ସଂସ୍ଥା ଏପର୍ଯ୍ୟନ୍ତ ହୋର୍ଡିଂ ଉଠାଇନଥିବାରୁ ଆସନ୍ତା ୭ଦିନ ମଧ୍ୟରେ ଏହି ହୋର୍ଡିଂକୁ ଭଙ୍ଗାଯିବ ବୋଲି ସିଏମସି କମିସନର ଅନାମ ଚରଣ ପାତ୍ର ହାଇକୋର୍ଟଙ୍କୁ ଅବଗତ କରିଛନ୍ତି । ସିଏମସି ଏହାକୁ ଭାଙ୍ଗିଲେ ସମ୍ପୃକ୍ତ ସଂସ୍ଥା ଠାରୁ ଭାଙ୍ଗିବା ବାବଦ ଖର୍ଚ୍ଚ ଭରଣା କରିବା ସହ କାର୍ଯ୍ୟାନୁଷ୍ଠାନ ନେବ ବୋଲି ହାଇକୋର୍ଟ କହିଛନ୍ତି ।

## ଟ୍ରେନ୍ ଲାଇନ ତଳ ଡ୍ରେନ୍‌ରୁ ଶବ ଉଦ୍ଧାର ମାମଲା

# ମିଳିଲା ମୃତକଙ୍କ ପରିଚୟ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଷ୍ଟେସନ ନିକଟ ଟ୍ରେନ୍ ଲାଇନ ତଳ ଡ୍ରେନ୍‌ରୁ ଯେଉଁ ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ କରାଇ ସଂରକ୍ଷିତ ରଖିଥିଲା । ଯୁବକଙ୍କ ପରିଚୟ ମିଳିବା ସହ ପରିବାର ଲୋକ ଆସି ଗୁରୁବାର ଶବ ନେଇଛନ୍ତି । ମୃତ ଯୁବକଙ୍କ ନାଁ ସଞ୍ଜୟ କେରକେଟା । ଘର ଛତିଶଗଡ ।

ସଞ୍ଜୟ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଏସ୍‌ଏମ୍‌ଏସ୍ କମ୍ପାନୀ କାମ କରେ । ସେ ସୋମବାର ରାତିରେ ମଦ ପିଇବାକୁ ଯାଇ ସାଙ୍ଗମାନଙ୍କ ସହ ଗଣ୍ଡଗୋଳ ହେବାରୁ ସେମାନେ ତାକୁ ମାରି ଡ୍ରେନ୍‌ରେ ପକାଇ ଦେଇଥିବା ଅଭିଯୋଗ ହେଉଛି । ସଞ୍ଜୟର ମୋବାଇଲ ଫୋନ୍ ତା'ପକେଟରୁ ନେଇ ଏସ୍‌ଏମ୍‌ଏସ୍ କମ୍ପାନୀରେ କାମ କରୁଥିବା ଅନ୍ୟ ଦୁଇ କର୍ମଚାରୀ କେଉଁଆଡେ ଫେରାର ହୋଇଯାଇଛନ୍ତି ବୋଲି କୁହାଯାଉଛି । ପୋଲିସ କହିବାନୁଯାୟୀ ସଞ୍ଜୟ ମୋବାଇଲ ନମ୍ବର ସିଡିଆର୍ ଆଣିବା ପରେ ରହସ୍ୟ ଜଣାପଡିବ । ହତ୍ୟା ସମ୍ପର୍କରେ ମଞ୍ଚେଶ୍ୱର ଜିଆର୍‌ପି ଫାଣ୍ଡି ଓଆଇସିଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ସବୁ ଜଣାପଡିବ ବୋଲି କହିଛନ୍ତି ।

ବଡ ଡ୍ରେନ୍‌ରୁ ସଞ୍ଜୟର ଶବକୁ ଜିଆର୍ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ କରାଇବା ପରେ ସଂରକ୍ଷିତ ରଖିଥିଲା । ଗୁରୁବାର ଛତିଶଗଡ ସଞ୍ଜୟଙ୍କ ଗାଁରୁ ବାପା, ଦାଦା ଓ ଅନ୍ୟ ୫/୧୦ଜଣ ଲୋକ ଏକ ବୋଲେରୋ ଗାଡିରେ ଆସି ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ପହଞ୍ଚିବା ପରେ ତାଙ୍କୁ ଓଆଇସି ଭେଟିଥିଲେ । ସଞ୍ଜୟର ଭାଇ ମହିନ୍ଦ୍ରା କମ୍ପାନୀରେ କାମ କରୁଥିବାରୁ ପରିବାର ଲୋକେ ସାନପୁଅକୁ ସାଙ୍ଗରେ ଧରି ଖୋଜଖବର କରୁଥିବା ବେଳେ ପୋଲିସ ପହଞ୍ଚି ପଚରାଉଚରା କରିଥିଲା । ଏପରିକି ଏସ୍‌ଏମ୍‌ଏସ୍ କମ୍ପାନୀକୁ ଯାଇ ପୋଲିସ କଥାବାର୍ତ୍ତା ହୋଇଥିଲା । ସଞ୍ଜୟ ସ୍ମୃତି ଏକା ନାମକ ଜଣେ ଯୁବକଙ୍କ ସହ ମେସ୍ କରି ରହୁଥିବାରୁ ପୋଲିସ ମଧ୍ୟ ତାକୁ ପଚରାଉଚରା କରିଛି । ଗୁରୁବାର ଏହି ଘଟଣାର ତଦନ୍ତ ଅଗ୍ରଗତି ପରିବାରକୁ ଶବ ହସ୍ତାନ୍ତର ପର୍ଯ୍ୟନ୍ତ କଥା ଯାଇଛି । ଓଆଇସିଙ୍କ କହିବା କଥା ହତ୍ୟା ଅଭିଯୋଗ ହେଉଥିଲେ ମଧ୍ୟ ତା'ର ସଠିକ୍ ପ୍ରମାଣ ଦରକାର ଓ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ସେ ଦିଗରେ ପଦକ୍ଷେପ ନିଆଯିବ । ବର୍ତ୍ତମାନ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମାମଲାର ତଦନ୍ତ କରୁଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଜନସାଧାରଣଙ୍କୁ
ସୋସିଆଲ ମେଡିଆରେ ପ୍ରସାରିତ
ଆର୍ଥିକ ପରାମର୍ଶ ପ୍ରଦାନ କରୁଥିବା
ଟପ୍ ମ୍ୟାନେଜ୍‌ମେଣ୍ଟର ନକଲି
(ଡିପ୍‌ଫେକ୍) ଭିଡିଓ ପ୍ରତି ସତର୍କ କରୁଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଦୃଷ୍ଟିକୁ ଆସିଛି ଯେ ସୋସିଆଲ ମେଡିଆରେ ଗଭର୍ଣ୍ଣରଙ୍କ ନକଲି ଭିଡିଓ ପ୍ରସାରିତ ହେଉଛି ଯେଉଁଥିରେ ରିଜର୍ଭ ବ୍ୟାଙ୍କ ଦ୍ୱାରା କେତେକ ନିବେଶ ଯୋଜନାକୁ ଆରମ୍ଭ କରିବା କିମ୍ବା ସମର୍ଥନ ପ୍ରଦାନ କରୁଥିବାର ଦାବି କରାଯାଇଛି । ଏହିସବୁ ଭିଡିଓରେ ଲୋକମାନଙ୍କୁ ଯାନ୍ତ୍ରିକ ଉପକରଣ ବ୍ୟବହାର ମାଧ୍ୟମରେ ଏଭଳି ଯୋଜନାଗୁଡ଼ିକରେ ଟଙ୍କା ବିନିଯୋଗ କରିବା ପାଇଁ ପରାମର୍ଶ ଦେବାର ପ୍ରୟାସ କରାଯାଉଅଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କ ସ୍ପଷ୍ଟ କରୁଛି ଯେ ଏହାର ଅଧିକାରୀମାନେ ଏ ପ୍ରକାର କୌଣସି କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ନୁହନ୍ତି କିମ୍ବା ଏହାର ସମର୍ଥନ କରନ୍ତି ନାହିଁ ତଥା ଏସବୁ ଭିଡିଓ ନକଲି ଅଟେ । ଆରବିଆଇ ଏ ପ୍ରକାର କୌଣସି ଆର୍ଥିକ ବିନିଯୋଗ ପରାମର୍ଶ ଦିଏ ନାହିଁ ।

ତେଣୁ ସୋସିଆଲ ମେଡିଆରେ ପ୍ରସାରିତ ହେଉଥିବା ଏଭଳି ନକଲି (ଡିପ୍‌ଫେକ୍) ଭିଡିଓ ତଥା ତା'ର ଶିକାର ହେବାରୁ ନିଜକୁ ରକ୍ଷା କରିବା ପାଇଁ ସତର୍କ କରାଯାଉଅଛି ।

ଆରବିଆଇ ୱେବସାଇଟ
ଭିଜିଟ କରିବା ପାଇଁ ସ୍କାନ୍ କରନ୍ତୁ

Issued in public interest by
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ବିଧାୟକ ତାଲିକା ଦିଅନ୍ତୁ, ପଟ୍ଟା ନିଶ୍ଚୟ ମିଳିବ

ଭୁବନେଶ୍ୱର(ସବ୍ୟୁ): ବିଧାୟକ ବନ୍ଧୁମାନେ ଯେଉଁଠି ଆଦିବାସୀମାନେ ଜଙ୍ଗଲ ଜମି ଅଧିକାରରେ ପଟ୍ଟା ପାଇନାହାନ୍ତି ତାଲିକା ଦିଅନ୍ତୁ । ପଟ୍ଟା ନିଶ୍ଚୟ ଧାର୍ଯ୍ୟ ସମୟରେ ମିଳିବ । ଯେଉଁ ସରକାର ଅମଳରେ ଲୋକେ ପଟ୍ଟା ପାଇ ଥାଆନ୍ତୁ ନା କାହିଁକି ସେମାନଙ୍କୁ ଜମି ଦେବାକୁ ସରକାର ବ୍ୟବସ୍ଥା କରୁଛନ୍ତି । ଏଥିପାଇଁ ନିର୍ଦ୍ଦେଶ ଜାରି ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ଗୁରୁବାର ବିଧାନସଭାରେ ଆଦିବାସୀଙ୍କ ଜମି ହଡ଼ପ ସଂପର୍କିତ ପ୍ରଶ୍ନରେ ଏମିତି ଉତ୍ତର ରଖିଥିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏପରିକି ଆଦିବାସୀଙ୍କ ଜମି ଅଧିଗ୍ରହଣ ପରେ ଅନ୍ୟତ୍ର ଜମି ଦେବା ଏବଂ ଥଇଥାନ କରିବାକୁ ସରକାର ଜମିବ୍ୟାଙ୍କ ଗଠନ କରିବେ । ଜମି କିଣିବାକୁ ମଧ୍ୟ ବିଚାର କରାଯିବ । ଏପରିକି ନୂଆ ପୁନର୍ବାସ ଓ ଥଇଥାନ ନୀତି ଆଣିବାକୁ ମଧ୍ୟ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ପ୍ରଭାବଶାଳୀ ଲୋକମାନେ ଆଦିବାସୀଙ୍କ ଜମି ହଡ଼ପ କରି ନିଜ ଦଖଲରେ ରଖିଛନ୍ତି । ଏ ଜମି କେମିତି ଫେରିବ? ସଭ୍ୟ ଭାସ୍କର ମଢେଇ ଏ ପ୍ରଶ୍ନର ଉତ୍ତର ଜାଣିବାକୁ ଚାହିଁଥିଲେ । ପ୍ରଶ୍ନକାଳରେ ଏ ସଂପର୍କରେ ଶାସକ ଓ ବିରୋଧୀ ସଭ୍ୟମାନେ ଅତିରିକ୍ତ ପ୍ରଶ୍ନ କରିଥିଲେ । ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର କହିଲେ, ଜଳ, ଜମି ଓ ଜଙ୍ଗଲ ଆଦିବାସୀଙ୍କ ପାଖରେ ହିଁ ଥାଏ ଛ ମାତ୍ର ବହୁ ଆଦିବାସୀ ଏବେ ଭୂମିହୀନ । ଆଇନ ଅନୁସାରେ ସରକାର ଜମି କିଣିକି ଦିଅନ୍ତୁ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଲେ, ଆଦିବାସୀମାନେ ସରଳ ଓ ଦୁର୍ବଳ ହୋଇଥିବାରୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଏହାକୁ ହଡ଼ପ କରୁଛନ୍ତି । ସରକାର ଏମିତି କେତେ ଜମି ହଡ଼ପ ହୋଇଛି ତାର ସମୀକ୍ଷା କରନ୍ତୁ । ଆଦିବାସୀଙ୍କ ଜମି ଫେରସ୍ତ କରନ୍ତୁ । ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ତାଙ୍କ ନିର୍ବାଚନମଣ୍ଡଳୀ ମେଘା ଅଞ୍ଚଳରେ ଜମି ହଡ଼ପ ହୋଇଛି । ଏ ସଂପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବି ଫଳ ଶୂନ । ଆଦାନୀକୁ ପାଣି ଯୋଗାଇବାକୁ ଋଷିକୂଲ୍ୟା ଉପରେ ସେତୁ ନିର୍ମାଣ କରାଯିବ ଛ ଏଥିପାଇଁ ୨୩ ଗାଁ ଉଚ୍ଛେଦ ହେଉଛି ।

**ଆଦିବାସୀଙ୍କ ଜମି ହଡ଼ପ ରୋକିବ ଆଇନ**

**ଅଣଆଦିବାସୀଙ୍କ ନାଁରେ ୧୯,୬୯୦ କେସ**

ସରକାର କ'ଣ ବିକଳ୍ପ ବ୍ୟବସ୍ଥା କରିଛନ୍ତି?

ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ଗୃହରେ ସଦସ୍ୟମାନଙ୍କ ଉଦବେଗ ସହ ସେ ସହମତ । ଆଦିବାସୀଙ୍କ ଜମି ହଡ଼ପ ରୋକିବାକୁ ଆଇନ ଅଛି । ଉପଜିଲ୍ଲାପାଳମାନେ ସ୍ଥଳବିଶେଷରେ ଜମି ବିକ୍ରିବଟା ପାଇଁ ଅନୁମତି ଦିଅନ୍ତି । ଆବଶ୍ୟକତା ନଥାଇ ମଧ୍ୟ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ପ୍ରଭାବିତ କରି ଜମି କିଣାବିକା ହେଉଛି । ଅନୁସୂଚିତ ଅଞ୍ଚଳରେ ବେଆଇନ ଭାବେ ଅଣ-ଆଦିବାସୀ ଲୋକ ଆଦିବାସୀଙ୍କ ଜମି ଦଖଲକୁ ନେଇଛନ୍ତି । ଏହିଭଳି ୧୯ ହଜାର ୬୯୦ କେସ ଚିହ୍ନଟ କରାଯାଇଛି । ଭୂସଂସ୍କାର ଆଇନ ଉଲ୍ଲଂଘନ କରି ଜମି ଦଖଲ କରିଥିବା ସଂପର୍କରେ ୧୫୩୫ ମାମଲା ବିଚାରାଧୀନ ଅଛି । ସରକାରଙ୍କ ପାଖକୁ ଜମି ହଡ଼ପ ସଂପର୍କିତ କିଛି ଅଭିଯୋଗ ଆସିଛି । ଦଳିତ ଓ ଆଦିବାସୀଙ୍କ ଜମିକୁ ସୁରକ୍ଷା ଦେବାକୁ ସରକାର ଭୂସଂସ୍କାର ଆଇନରେ ପରିବର୍ତ୍ତନ କରିବାକୁ ମଧ୍ୟ ବିଚାର କରୁଛନ୍ତି । ଡିସେମ୍ବର ୩୦ ସୁଦ୍ଧା ସମସ୍ତ ଶିକ୍ଷାନୁଷ୍ଠାନକୁ ସରକାର ନିଶ୍ଚୟ ଜମିପଟ୍ଟା ଯୋଗାଇ ଦେବେ ।

ସିପିଆଇଏମ୍ ସଭ୍ୟ ଲକ୍ଷ୍ମଣ ମୁଣ୍ଡା କହିଲେ, ତାଳଚେର-ବିମଳାଗଡ଼ ରେଳ ଲାଇନରେ ବହୁ ଲୋକ ଜମି ହରାଇଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଆଦିବାସୀ କ୍ଷତିପୂରଣ ପାଇପାରୁ ନାହାନ୍ତି । ଜଙ୍ଗଲ ଜମି ବୋଲି ଅଧିକାରୀ ଦର୍ଶାଉଛନ୍ତି । ବିଧାୟକ ରୁପୁ ଭତ୍ରା, ଭାଦବ ହାଁସଦା କହିଲେ, ପ୍ରତାପ କେଶରୀ ଦେବ ମଧ୍ୟ ଅତିରିକ୍ତ ପ୍ରଶ୍ନ କରିଥିଲେ ।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ବସ୍ତି ଉଚ୍ଛେଦ ଆମର ଉଦ୍ଦେଶ୍ୟ ନୁହେଁ । ମୋହନ ମାଝୀ ସରକାରରେ ଯେତେବଡ଼ ପ୍ରଭାବଶାଳୀ ଶିଳ୍ପପତି ଆସିଲେ ମଧ୍ୟ ସେମାନଙ୍କ ସ୍ୱାର୍ଥ ସାଧନ ହେବାକୁ ଆମେ ଦେବୁନି । ଆମେ ଲୋକଙ୍କ ସହ ଅଛୁ । ବିକାଶମୂଳକ ପ୍ରକଳ୍ପ ହେଲେ ନିଶ୍ଚୟ କିଛି ଜମି ଆବଶ୍ୟକ ହେବ । ମାତ୍ର ଆମେ ଆଦିବାସୀଙ୍କ ଜମି ହଡ଼ପ ରୋକିବାକୁ ଉଦ୍ୟମ କରୁଛୁ । ଯେଉଁମାନେ ଜଙ୍ଗଲ ଅଧିକାର ଆଇନରେ ପଟ୍ଟା ପାଇନାହାନ୍ତି ତାଙ୍କୁ ନିଶ୍ଚୟ ପଟ୍ଟା ମିଳିବ । ଏ ସଂପର୍କରେ ସରକାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି ।

# ବିଧାନସଭା



## କୋଟିଆ ମାମଲା ଲଢ଼ିବାକୁ ଓକିଲ ଦିଅ

ଭୁବନେଶ୍ୱର(ସବ୍ୟୁ): ସୁପ୍ରିମକୋର୍ଟରେ କୋଟିଆ ବିବାଦ ଲଢିବା ପାଇଁ ଓଡିଶା ସରକାର ଓକିଲ ନିଯୁକ୍ତି କରୁନାହାନ୍ତି । ୨୦୦୬ରେ ଆନ୍ଧ୍ର ସପକ୍ଷରେ ସୁପ୍ରିମକୋର୍ଟରୁ ଏକପାଖିଆ ନିଷ୍ପତ୍ତି ଯାଇଥିଲା । କୋଟିଆ, ଦେଓମାଳି ଆସି ଆନ୍ଧ୍ର ତାର ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି । ମାତ୍ର ଏବେ ଓଡିଶା ଚୁପ୍ ଅଛି ବୋଲି ବିଧାନସଭାର କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଉଦବେଗ ପ୍ରକାଶ କରିଛନ୍ତି ।

ଶୂନ୍ୟକାଳରେ କୋଟିଆ ପ୍ରସଙ୍ଗ ଉଠାଇ ଶ୍ରୀ ବାହିନୀପତି କହିଥିଲେ, କୋଟିଆ ପାଇଁ ୬୨ଟି ପେପରର ତଥ୍ୟ ଦିଆଯାଇଥିଲା । ପୂର୍ବରୁ ଦିଆଯାଇଥିବା ଓକିଲଙ୍କ ପରଲୋକ ପରେ ସୁପ୍ରିମକାର୍ଟରେ ଆଉ ଓକିଲ ଦିଆଯାଇନାହିଁ । ଏବେ ଆନ୍ଧ୍ର ଅଧିକାରୀମାନେ ବାରମ୍ବାର ଦେଓମାଳି ଆସି ପିଲାଙ୍କୁ ପାଠ ପଢାଇ, ବିଜୁଳି ଦେଇ ଡ୍ରାମା କରୁଛନ୍ତି । ଆନ୍ଧ୍ର କୋଟିଆରେ ନିର୍ବାଚନ କଲାବେଳେ ୧୨ ପ୍ରତିଶତ ମତଦାନ ହେଲା । ହେଲେ ଆମର ୭୮ ପ୍ରତିଶତ ମତଦାନ ହୋଇଛି । ଲୋକ ଆମ ସାଙ୍ଗରେ ଅଛନ୍ତି । କୋଟିଆକୁ ରକ୍ଷା କରିବାକୁ ଆଇନ ମନ୍ତ୍ରୀ ଓକିଲ ଦିଅନ୍ତୁ ବୋଲି ତାରା ନିବେଦନ କରିଥିଲେ ।

## ୧୫ ବର୍ଷରୁ ଉର୍ଦ୍ଧ୍ୱ ୨.୪୧ ଲକ୍ଷ ଗାଡ଼ି ଗଡ଼ୁଛି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ୨,୪୧,୨୨୩ ଗାଡ଼ି ଚଳାଚଳ କରୁଛି । ଏହିସବୁ ଗାଡ଼ିଗୁଡ଼ିକୁ ଫିଟ୍‌ନେସ ସହିତ ପୁନଃ ପଞ୍ଜିକୃତ କରାଯାଇଛି ।

ରାଜ୍ୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ଗାଡ଼ି ଚଳାଚଳ କରୁଛି । ମାକ୍ସି କ୍ୟାବ୍ ୧,୬୩,୦୨୩ଟି ଗାଡ଼ି ପୁନଃ ପଞ୍ଜୀକରଣ ହୋଇ ଚଳାଚଳ କରୁଥିବାବେଳେ ୩୯,୨୧୦ ମୋଟର କାର୍, ୨୨,୬୦୦ ଦ୍ରବ୍ୟ ବହନକାରୀ ଗାଡ଼ି, ୪୩୭୨ଟି ମୋବାଇଲ ୱାର୍କସପ ୬୭୬୯ଟି ଓମିନି ବସ, ୩୧୧ଟି ଶିକ୍ଷାନୁଷ୍ଠାନ ଗାଡ଼ି, ୮୯୩ଟି ବସ୍, ୨୩୭ଟି ନିର୍ମାଣକାରୀ ସରଞ୍ଜାମ ବହନକାରୀ ଗାଡ଼ି, ୫୬୫ଟି ପାସେଞ୍ଜର ଗାଡ଼ି, ୫୨୮ଟି ଟ୍ରାକ୍ଟର, ୩୮୯ଟି ଟ୍ରେଲର (କୃଷି) ସମେତ ୮୮୦ଟି ମୋଟରସାଇକେଲ, ସ୍କୁଟର ଓ ଟ୍ରେଲର ଜାତାୟାତ କରୁଛି ।

## ଚଳଚ୍ଚିତ୍ର ନୀତି ଆସୁ, ବରପୁତ୍ରଙ୍କ ଉପରେ ସିନେମା ହେଉ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ସିନେମା ବର୍ତ୍ତମାନ କୋମା ଆଡ଼କୁ ଯାଉଛି । ଓଡ଼ିଶାରେ ମାତ୍ର ୫୦ରୁ ୬୦ଟି ସିନେମା ହଲ୍ ଅଛି । ପୁରୀ ଭଳି ସହରରେ ଗୋଟିଏ ହେଲେ ହଲ ନାହିଁ । ପ୍ରତି ବ୍ଲକରେ ବହୁମୁଖୀ ଫିଲ୍ମ ହଲ ପ୍ରତିଷ୍ଠା କରାଯାଉ । ବିଧାନସଭାରେ ନୂଆ ସିନେମା ନୀତି ଆଣିବାକୁ ଦାବି ରଖିଛନ୍ତି ବିଜେପି ବିଧାୟକ ଆକାଶ ଦାସନାୟକ ।

ପୂର୍ବ ସରକାର ବେଳେ ଗୋଟିଏ ଚଳଚ୍ଚିତ୍ର ନୀତି ଆସିଥିଲା । କିନ୍ତୁ ତାହା କୁଆଡ଼େ ଗଲା ଜଣା ପଡ଼ିଲାନି । ସେହି ନୀତିକୁ ବର୍ତ୍ତମାନ ତର୍ଜମା କରି ଅଣାଯାଉ । ଏହାସହ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଫିଲ୍ମ ତିଆରି ହେଉ । ସରକାର ସବ୍ସିଡି ଦିଅନ୍ତୁ । ଏହାଦ୍ୱାରା ସିନେମା ଶିଳ୍ପର କଳାକାରଙ୍କ ଠାରୁ ଆରମ୍ଭ କରି ଟେକ୍ନିସିଆନ ସମସ୍ତଙ୍କର ଆର୍ଥିକ ସ୍ଥିତି ସୁଧୁରିବ ।

## ୩ ବର୍ଷରେ ବଜ୍ରପାତ ନେଲାଣି ୧୦୫୭ ଜୀବନ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ବର୍ଷା ଦିନେ ପ୍ରବଳ ବଜ୍ରପାତ ହେଉଛି । ୩ ବର୍ଷରେ ବ୍ରଜପାତ ନେଇଛି ୧୦୫୭ ଜୀବନ । ଗୁରୁବାର ବିଧାନସଭାରେ ଏଭଳି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଗତ ୩ ବର୍ଷରେ ବ୍ରଜପାତ ନେଲାଣି ୧୦୫୭ ଜୀବନ । କେବଳ ୭ ମାସ ମଧ୍ୟରେ ୨୦୧ ଜୀବନ ଯାଇଛି । ସେହିପରି ୨୦୨୩-୨୪ ରେ ୨୭୨ ଜଣ ପ୍ରାଣ ହରାଇଥିଲେ । ୨୦୨୨-୨୩ରେ ମଧ୍ୟ ୩୦୬ ଜଣଙ୍କ ଜୀବନ ନେଇଥିଲା ବଜ୍ରପାତ । ବଜ୍ରପାତ ଦ୍ୱାରା ସର୍ବାଧିକ ଲୋକ ମୟୂରଭଞ୍ଜ, ବାଲେଶ୍ୱର ଗଞ୍ଜାମ ଜିଲ୍ଲାରେ ମୃତ୍ୟୁବରଣ କରିଛନ୍ତି ।

## ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା

ଭୁବନେଶ୍ୱର(ସବ୍ୟୁ): ୨ ଲକ୍ଷ ୬୫ ହଜାର କୋଟିର ବଜେଟ୍ । ମାତ୍ର ଅକ୍ଟୋବର ଯାଏ ଖର୍ଚ୍ଚ ହାର କହୁଛି ୭୫ରୁ ୮୦ ହଜାର କୋଟି ବଳକା ରହିବା ନିଶ୍ଚିତ । ମୁଖ୍ୟମନ୍ତ୍ରୀ ସମୀକ୍ଷା କରନ୍ତୁ । ଖର୍ଚ୍ଚ ବଢ଼ାନ୍ତୁ । ଖାଦ୍ୟ ଯୋଗାଣ ବିଭାଗ ବରାଦ ପାଣ୍ଠିର ୬.୫ ପ୍ରତିଶତ ଖର୍ଚ୍ଚ କରିଛି । ଏ ବିଭାଗ କାମ କରୁଛି ତ? ଯୋଜନା ଓ ସଂଯୋଜନ ବିଭାଗର ଖର୍ଚ୍ଚହାର ନିରାଶାଜନକ । ସରକାର ପାଣ୍ଠି ଖର୍ଚ୍ଚ କରିପାରୁ ନାହାନ୍ତି । ୧୭ଟି ଖର୍ଚ୍ଚ କରିବା ବିଭାଗ ମଧ୍ୟ ବହୁ ପଛରେ । ସରକାର କାହିଁକି ଅତିରିକ୍ତ ବଜେଟ ଆଣିଛନ୍ତି? ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନାରେ ଏମିତି ପ୍ରଶ୍ନ କରିଛନ୍ତି ବିରୋଧୀ ।

ବିଧାନସଭାରେ ଆଲୋଚନା ଆରମ୍ଭ କରି ନିରଞ୍ଜନ ପୂଜାରୀ କହିଥିଲେ, ଆର୍ଥିକ ସ୍ଥିତିରୁ ଆମେ ଦେଶରେ ଏବେ ନମ୍ବର ୱାନ୍ । ଦେଶର ଅଭିବୃଦ୍ଧି କିନ୍ତୁ ଶେଷ ତ୍ରୟମାସିକରେ ୫.୪କୁ ଖସିଛ । ତେଣୁ ରାଜ୍ୟର ଅଭିବୃଦ୍ଧି ମଧ୍ୟ କମିଥିବ । ସରକାର କହୁଛନ୍ତି ପଶ୍ଚିମାଞ୍ଚଳର ବିକାଶକୁ ଅଗ୍ରାଧିକାର ଦେଉଛନ୍ତି । ମାତ୍ର ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ୬ ମାସ ହେବ ତାଲା ପଡ଼ିଛି । ୫୦୦ କୋଟିରୁ ଖର୍ଚ୍ଚ ଶୂନ । ହାତରେ ଆଉ ମାତ୍ର ୪ ମାସ ବାକି ଥିଲା ବେଳେ ସରକାର ଖାଲି ମୁଙ୍ଗେରିଲାଲ କି ହସିନ ସପନେ ଦେଖାଉଛନ୍ତି । ଡବଲ

**ସରକାର ପାଣ୍ଠି ଖର୍ଚ୍ଚ କରିପାରୁ ନାହାନ୍ତି : ବିରୋଧୀ**

**୨୦୩୬ ସୁଦ୍ଧା ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ : ଶାସକ**

ଇଞ୍ଜିନ ସରକାରରୁ ରାଜ୍ୟ କ'ଣ ପାଇଲା? କେନ୍ଦ୍ର ବଜେଟରେ ବିହାର ୫୯ ହଜାର କୋଟି, ଆନ୍ଧ୍ର ୩୦ ହଜାର କୋଟି ପାଇଲା । ବିଡ଼ମ୍ବନା କେନ୍ଦ୍ର ସରକାରଙ୍କ ୧୬ମ ଅର୍ଥ କମିଶନଙ୍କ ବୈଠକ ଜାନୁଆରୀରେ ବସିବ । ମାତ୍ର ଆମ ରାଜ୍ୟରେ ଏଯାଏଁ ଅର୍ଥ କମିଶନ ଗଠନ ହୋଇନି । ସରକାର କେବେ ଦାବିପତ୍ର ପ୍ରସ୍ତୁତ କରି କେନ୍ଦ୍ର ଅର୍ଥ କମିଶନଙ୍କୁ ପ୍ରଦାନ କରିବେ । କଂଗ୍ରେସ ସଭ୍ୟ ଅଶୋକ ଦାସ କହିଥିଲେ, ନୂଆ ସରକାର ପାଣ୍ଠି ଖର୍ଚ୍ଚ କରିପାରୁ ନାହାନ୍ତି । ଖାଲି ପୂର୍ବ ସରକାରଙ୍କୁ ଦୋଷ ଦେଇ ରହିଗଲେ ହେବନି । ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି ।

ଶାସକ ଦଳ ପକ୍ଷରୁ ଟଙ୍କଧର ତ୍ରିପାଠୀ କହିଲେ, ୨୦୩୬ ବେଳକୁ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ହେବ । ଏଥିପାଇଁ କାମ ଆରମ୍ଭ ହୋଇଛ ।ଗ୍ରାମାଞ୍ଚଳ ଅର୍ଥନୀତିକୁ ସମୃଦ୍ଧ କରିବାକୁ ସରକାର ୧ କୋଟି ମହିଳାଙ୍କୁ ସୁଭଦ୍ରାରେ ଆର୍ଥିକ ସହାୟତା ମିଳିବ । ଏଥିମଧ୍ୟରୁ ୭୦ ଲକ୍ଷ ମହିଳାଙ୍କୁ 'ସୁଭଦ୍ରା' ସହାୟତା ଦେଇଛୁ । ଚାଷୀଙ୍କୁ ମଧ୍ୟ ଧାନ ଏମଏସପି ୩୧୦୦ ମିଳୁଛି । ୨୦ ହଜାର କୋଟି ଟଙ୍କା ମହିଳା ଓ ଚାଷୀଙ୍କ ଆକାଉଣ୍ଟକୁ ଯିବ । ଏ ସରକାର କଥା ନୁହଁ କାମରେ ବିଶ୍ୱାସ କରେ । ସୁଦୀର୍ଘ ବେଳାଭୂମି, ଦକ୍ଷ ମାନବସମ୍ବଳ ଓ ଖଣିଜ ସମ୍ପଦ ଥିବା ସତ୍ତ୍ୱେ ପୂର୍ବ ସରକାର ଏହାର ଠିକଣା ବିନିଯୋଗ କରିପାରିଲେନି ।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ଗୌତମବୁଦ୍ଧ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ଅରବିନ୍ଦ ମହାପାତ୍ର ପ୍ରମୁଖ ସରକାରଙ୍କ ଉପରେ ବର୍ଷିଥିଲେ । ଶାସକ ଦଳ ପକ୍ଷରୁ ବିଧାୟକ ରୁପୁ ଭତ୍ରା ୨୪ ବର୍ଷର ଶାସନ ନେଇ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଥିଲେ । ଆକାଶ ଦାସ ନାୟକ ସରକାରଙ୍କ ବିଭିନ୍ନ ପଦକ୍ଷେପର ପ୍ରଶଂସା କରିଥିଲେ । ବିଧାୟକ ଲକ୍ଷ୍ମଣ ବାଗ, ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ବିଧାୟକ ଅଗସ୍ତି ବେହେରା ମଧ୍ୟ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଥିଲେ ।



ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଭାତ କୁମାର ବରାଳଙ୍କ ଠାରୁ ପି.ଏଚ.ଡି (ଡ଼କ୍ଟରେଟ ) ଉପାଧି ଓୟୁଏଟି ର ପ୍ରଫେସର ମୋନିକା ରାୟ ଗ୍ରହଣ କରୁଛନ୍ତି ।

## ଓଡ଼ିଶାରେ ୨୮୦୦୦ରୁ ଅଧିକ ବ୍ୟାଙ୍କିଙ୍ଗ ପଏଣ୍ଟ ସହିତ ମହିଳାଙ୍କୁ ସଶକ୍ତ କରୁଛି ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ମହିଳାମାନେ ବର୍ତମାନ ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ ସହିତ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଲାଭ ଉଠାଇପାରିବେ । ବଂଚିତ ଏବଂ ଅଣବ୍ୟାଙ୍କିଂ ଅଂଚଳଗୁଡ଼ିକରେ ୧୦,୧୫୮ ପଏଂଟ ସମେତ ଓଡ଼ିଶାରେ ଏୟାରଟେଲ୍ ପେମେଂଟ୍ସ ବ୍ୟାଙ୍କ୍‌ର ୨୮,୦୦୦ରୁ ଅଧିକ ବ୍ୟାଙ୍କିଙ୍ଗ ପଏଂଟ ରହିଛି । ଯାହାଦ୍ୱାରା ମହିଳା ହିତାଧିକାରୀମାନେ ସହଜରେ କିଛି ମିନିଟ୍ ମଧ୍ୟରେ ବ୍ୟାଙ୍କ ଆକାଉଂଟ ଖୋଲିପାରିବେ। ଏହି ଆକାଉଂଟଗୁଡ଼ିକୁ ସୁଭଦ୍ରା ଏବଂ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର (ଡିବିଟି) ଯୋଜନା ସହିତ ସଂଯୋଗ କରାଯାଇପାରିବ, ଯାହା ଦ୍ରୁତ ଏବଂ ସୁରକ୍ଷିତ ଆର୍ଥିକ ସହାୟତା ସୁନିଶ୍ଚିତ କରୁଛି । ସୁଭଦ୍ରା ଯୋଜନାରେ ଯୋଗ୍ୟ ମହିଳାମାନଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି, ଯାହାକୁ ୫ ବର୍ଷ ମଧ୍ୟରେ ବାର୍ଷିକ ୧୦ ହଜାର ଟଙ୍କା ହିସାବରେ ବଂଟନ କରାଯାଉଛି। ସେପ୍ଟେମ୍ବର ୧୭ ତାରିଖରେ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିବାବେଳେ, ହିତାଧିକାରୀମାନେ ଏୟାରଟେଲ ପେମେଂଟ୍ସ ବ୍ୟାଙ୍କର ନେଟୱାର୍କ ବ୍ୟବହାର କରି ସହଜରେ ସେମାନଙ୍କ ପାଣ୍ଠି ପରିଚାଳନା କରିପାରିବେ, ଯାହା ଅଣବ୍ୟାଙ୍କିଂ ଅଂଚଳରେ ୫,୭୮୮ ଗ୍ରାମକୁ ସେବା ପ୍ରଦାନ କରୁଛି । ସାରା ଓଡ଼ିଶାରେ ୩,୮୧୮ ଜଣ ମହିଳା ବ୍ୟାଙ୍କିଂ ପ୍ରତିନିଧିଙ୍କ ସହ ଏୟାରଟେଲ ପେମେଂଟ୍ସ ବ୍ୟାଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦେଇ ରାଜ୍ୟର କୋଣ ଅନୁକୋଣରେ ଅତ୍ୟାବଶ୍ୟକ ଆର୍ଥିକ ସେବା ଉପଲବ୍ଧ କରାଇଛି।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



କଟକ, (ସ୍ୱପ୍ର): ସ୍ଥାନୀୟ ୪୭ନଂ ୱାର୍ଡ ଅନ୍ତର୍ଗତ ମହାନଦୀବିହାର ସ୍ଥିତ ସେକ୍ଟର ୧ନଂ ନିବାସୀ ତଥା ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ଦଶରଥ ମହାନ୍ତିଙ୍କ ୮୧ ବର୍ଷ ବୟସରେ ବାସଭବନରେ ପରଲୋକ ହୋଇଯାଇଛି । ତାଙ୍କ ଶିକ୍ଷାଦନର ପରାକାଷ୍ଠା ପାଇଁ ବିଭିନ୍ନ ଅନୁଷ୍ଠାନ ଠାରୁ ସେ ପୁରସ୍କୃତ ହୋଇଛନ୍ତି । ତାଙ୍କ ଶେଷ ସମୟରେ ତାଙ୍କ ଏକମାତ୍ର ପୁତ୍ର ତଥା ଅଧାପକ ବିବେକାନନ୍ଦ ମହାନ୍ତି, ପୁତ୍ରବଧୂ ଶିକ୍ଷାବିତ୍ ଭାରତୀ ପଦ୍ମଜା ମହାନ୍ତି, ଝିଅ ନିବେଦିତା ମହାନ୍ତି ଏବଂ ଜ୍ୱାଇଁ ଆଶିଷ କୁମାର ମହାନ୍ତିଙ୍କ ସମେତ ଆତ୍ମୀୟସ୍ୱଜନ ମାନେ ଉପସ୍ଥିତ ଥିଲେ। ଖବର ଶୁଣି ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ସ୍ୱର୍ଗତ ମହାନ୍ତିଙ୍କ ବାସଭବନରେ ପହଂଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଚତୁର୍ଭୁଜ ମହାପାତ୍ର, ପ୍ରହ୍ଲାଦ ମହାନ୍ତି, ସମାଜସେବୀ ସଞ୍ଜୟ ଜେନା, ରମଣୀ ରଞ୍ଜନ ଦାସ, ମାନବେଶ ରାୟ, ଗୋଲେଖ ଚନ୍ଦ୍ର କାନୁନଗୋଙ୍କ ସମେତ ବହୁ ସଂଖ୍ୟାରେ ଅଚଂଳବାସୀ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କୁ ଶେଷ ଦର୍ଶନ କରିଥିଲେ । ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁତ୍ର ବିବେକାନନ୍ଦ ମୁଖାଗ୍ନି ଦେଇଥିଲେ।

## ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪

## ସାତଗୋଟି ବିଭାଗରେ ଓଡ଼ିଶାକୁ ମିଳିବ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ 'ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪'ରେ ଓଡ଼ିଶାକୁ ସାତଗୋଟି ବିଭାଗରେ ପୁରସ୍କୃତ କରାଯିବ । ଆସନ୍ତା ଡିସେମ୍ବର ୧୧ରେ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହରେ ଦେଶରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଓଡ଼ିଶାର ବିଭିନ୍ନ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ପୁରସ୍କୃତ କରାଯିବ ।

'ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪'ରେ ସମଗ୍ର ଦେଶରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପୁରସ୍କୃତ କରାଯିବ । ଏଥିରେ ଓଡ଼ିଶାର ବିଭିନ୍ନ ପଞ୍ଚାୟତିରାଜ ଅନୁଷ୍ଠାନ ସାତଗୋଟି ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ ହେବେ । ଏହା ମଧ୍ୟରେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ବିଭାଗରେ ଗଞ୍ଜାମ ଜିଲ୍ଲା କେଲୁଆପଲ୍ଲୀ ଓ ସହପୁରକୁ ଯଥାକ୍ରମେ ସୁସ୍ଥ ପଞ୍ଚାୟତ ପୁରସ୍କାର ଓ ସ୍ୱାବଲମ୍ବୀ ଭିତ୍ତିଭୂମି ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ । ଏହା ସହ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ବିଭାଗରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ପଞ୍ଚାୟତ ସମିତିକୁ ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ପୁରସ୍କାର ଓ କୋରାପୁଟ ଜିଲ୍ଲା ପରିଷଦକୁ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯିବ । ସୁନ୍ଦରଗଡ଼ ଜିଲ୍ଲା କସିର ଗ୍ରାମ ପଞ୍ଚାୟତାକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ଓ କେନ୍ଦ୍ରିକେଲା ଗ୍ରାମ ପଞ୍ଚାୟତାକୁ କାର୍ବନ ନିଉଟ୍ରାଲ ବିଶେଷ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ । ଏହା ସହ ଓଡ଼ିଶାର 'ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାଞ୍ଚୟତିରାଜ ପ୍ରତିଷ୍ଠାନ'କୁ ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ଦକ୍ଷତା ବିକାଶ ଓ ତାଲିମ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର' ପାଇଁ ଚୟନ କରାଯାଇଛି ।

'ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪'ରେ ରାଜ୍ୟର ଏହି ବିଶେଷ ସଫଳତା ପାଇଁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ପୁରସ୍କୃତ ହେବାକୁ ଥିବା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାଞ୍ଚୟତିରାଜ ପ୍ରତିଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏଭଳି ପୁରସ୍କାର ଅନ୍ୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଉତ୍ତମ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ ବୋଲି ପ୍ରକାଶ କରିଛନ୍ତି ।

## ଭାଲେନ୍‌ଷ୍ଟିନ୍ ଅଲ୍‌ଟେନ୍‌ବର୍ଗ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସର ମୁଖ୍ୟ କୋଚ୍

ଭୁବନେଶ୍ୱର (ସବ୍ୟୁ): ଭାଲେନ୍‌ଷ୍ଟିନ୍ ଅଲ୍‌ଟେନ୍‌ବର୍ଗ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସର ମୁଖ୍ୟ କୋଚ୍ ଭାବେ ଯୋଗ ଦେଇଛନ୍ତି । ୪୩ବର୍ଷୀୟ ଅଲଟେନ୍‌ବର୍ଗଙ୍କ ଅଲମ୍ପିକ୍ ଅଭିଜ୍ଞତା ରହିଛି । ହକି ଇଣ୍ଡିଆ ଲିଗ୍ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାବେଳେ ପୁରୁଷ ଓ ମହିଳା ଟିମ୍‌ଗୁଡ଼ିକର ପରିଚାଳନା କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣ କରିଛନ୍ତି । ଆଗାମୀ ହକି ଇଣ୍ଡିଆ ଲିଗ୍ ସିଜିନ୍ ପାଇଁ ମୁଖ୍ୟ କୋଚ୍ ଭାବେ ଭାଲେନ୍‌ଷ୍ଟିନ୍ ଅଲ୍‌ଟେନ୍‌ବର୍ଗଙ୍କ ନିଯୁକ୍ତି ସଂପର୍କରେ ଘୋଷଣା କରାଯିବା ଫଳରେ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଅଧିକ ଉତ୍ସାହିତ ହୋଇଛନ୍ତି । ନିଜର ଦକ୍ଷତା, ନେତୃତ୍ୱ ଏବଂ ଜର୍ମାନ ଜାତୀୟ ଟିମ୍ ସହ ଦୀର୍ଘବର୍ଷର ଅଭିଜ୍ଞତା ପାଇଁ ୪୩ବର୍ଷୀୟ ଅଲ୍‌ଟେନ୍‌ବର୍ଗ ଆନ୍ତର୍ଜାତିକ ହକି କ୍ଷେତ୍ରରେ ବିଶେଷ ସୁନାମ ଓ ସମ୍ମାନ ଅର୍ଜନ କରିଛନ୍ତି ।



ନିଯୁକ୍ତି ସଂପର୍କରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମର ଚିଫ୍ ଅପରେଟିଙ୍ଗ୍ ଅଫିସର ସୁନିଲ ଗୁପ୍ତା କହିଛନ୍ତି କଳିଙ୍ଗ ଲାନ୍‌ସର୍ସର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିବା ଭାଲେନ୍‌ଷ୍ଟିନ୍ ଅଲଟେନ୍‌ବର୍ଗ ଯୁବ ଏବଂ ଆନ୍ତର୍ଜାତିକ ଅଭିଜ୍ଞତାର ସଠିକ୍ ଉପଯୋଗ କରିପାରିବେ । ତାଙ୍କର ଅଭିଜ୍ଞତା ଓ ରଣକୌଶଳ ଦ୍ୱାରା ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଯଥେଷ୍ଟ ସଫଳତା ପାଇବ ବୋଲି ଶ୍ରୀ ଗୁପ୍ତା କହିଛନ୍ତି ।

ବେଦାନ୍ତ କଳିଙ୍ଗ ଲାନ୍‌ସର୍ସର ଷ୍ଟ୍ରାଟେଜି ଡାଇରେକ୍ଟର ଡେଭିଡ୍ ଜନ୍ କହିଛନ୍ତି ଭାଲେନ୍‌ଷ୍ଟିନ୍‌ଙ୍କ ସହ ମିଶି କାମ କରିବା ପାଇଁ ସେ ଆଗ୍ରହର ସହ ଅପେକ୍ଷା କରିଛନ୍ତି । ସେ ଭାରତୀୟ ଖେଳାଳିଙ୍କ ସହ କାମ କରିଛନ୍ତି ଏବଂ ଉଚ୍ଚସ୍ତରରେ କୋଚ୍‌ର ଭୂମିକା ତୁଲାଇଛନ୍ତି । ଫଳରେ ଶ୍ରେଷ୍ଠ ଖେଳାଳିମାନେ ଲୋକଲୋଚନକୁ ଆସିପାରିଛନ୍ତି ।

## ଅନ୍‌ଲାଇନ ଗେମ୍‌ରୁ ଆତ୍ମହତ୍ୟା

ଭୁବନେଶ୍ୱର, (ସବ୍ୟୁ) : ସବୁବେଳେ ଅନ୍‌ଲାଇନ ଗେମ୍ ଖେଳୁଥିବା ଜଣେ ଯୁବକ ଗୁରୁବାର ଆତ୍ମହତ୍ୟା କରିଛନ୍ତି । ଘର ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ ।

ଶ୍ରୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ବଢେଇବାଙ୍କ ବଡ଼ୁସାହିର ସ୍ୱର୍ଗତଃ ଗୌରୀଶଙ୍କର ଶତପଥୀଙ୍କ ପୁଅ ଶଶାଙ୍କ ଶତପଥୀ (୨୨) । ସେ ବହୁ ସମୟରେ ଅନ୍‌ଲାଇନ ଗେମ୍ ଖେଳୁଥିବା ପରିବାର ଲୋକ କହିଛନ୍ତି । ଅନ୍‌ଲାଇନ ଗେମ୍‌ରେ ଟଙ୍କା ହାରିବା ପରେ ଘରେ ସେ ଗାମୁଛା ସାହାଯ୍ୟରେ ଝୁଲି ଆତ୍ମହତ୍ୟା କରିଥିବା ଲିଙ୍ଗରାଜ ଥାନା ଆଇଆଇସି କହିଛନ୍ତି । ବାସ୍ତବରେ ଅନ୍‌ଲାଇନ ଗେମ୍ ପାଇଁ ସେ ଆତ୍ମହତ୍ୟା କରିଛନ୍ତି ନା ଆତ୍ମହତ୍ୟାର ଅନ୍ୟ କିଛି କାରଣ ଅଛି ତାହା ତଦନ୍ତ ଆଗକୁ ବଢିଲେ ଜଣାପଡିବ ବୋଲି ଆଇଆଇସି କହିଛନ୍ତି । କିନ୍ତୁ ଘର ଲୋକଙ୍କ କହିବାନୁଯାୟୀ ସେ ଅନ୍‌ଲାଇନ ଗେମ୍ ପାଇଁ ଆତ୍ମହତ୍ୟା କରିଥାଇପାରେ ।

ଖବର ପାଇ ପୋଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ କରାଇଥିଲା । କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କାମ ସରିବା ପରେ ଶବ ପରିବାରକୁ ହସ୍ତାନ୍ତର କରାଯାଇଛି । ପୋଲିସ କହିବାନୁଯାୟୀ ଅନ୍‌ଲାଇନ ଗେମ୍ ନା ଅନ୍ୟ କିଛି କାରଣ ରହିଛି ମୋବାଇଲ ସିଡିଆର୍ ତର୍ଜମା କରିବା ପରେ ସ୍ପଷ୍ଟ ଜଣାପଡିବ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୧/୧୯)

-ବଶ୍ୱରୂପଦର୍ଶନଯୋଗଃ-

(ଶ୍ରୀଭଗବାନୁବାଚ )

**ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ! ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ॥୧୯॥**

(ଏହିପରି ପ୍ରାର୍ଥିତ ହୋଇ)ଶ୍ରୀଭଗବାନ କହିଥିଲେ- ହେ କୁରୁଶ୍ରେଷ୍ଠ ! ମୋର ଯେଉଁ ଅଲୌକିକ ବିଭୂତି ଅଛି, ତୁମକୁ ତାହାର ପ୍ରାଧାନ ପ୍ରଧାନ ବିଷୟଗୁଡ଼ିକ କହିବି, କାରଣ ମୋର ବିଭୂତିର ଶେଷ ନାହିଁ ॥୧୯॥

# ଅର୍ଥନୈତିକ ଅପରାଧ

ଭିଏତନାମର ଜଣେ ୬୮ ବର୍ଷ ବୟସ୍କା ମହିଳା ଟ୍ରୁଙ୍ଗ ମାଇ ଲାନ୍, ବିଶ୍ୱର ସବୁଠାରୁ ବଡ ବ୍ୟାଙ୍କ ଠକେଇରେ ଦୋଷୀ ସାବ୍ୟସ୍ତ ହେବା ପରେ, କୋର୍ଟ ତାଙ୍କ ବିରୋଧରେ ମୃତ୍ୟୁଦଣ୍ଡ ଆଦେଶ କରିଛନ୍ତି । ଭିଏତନାମର ଏହି ପ୍ରତିପତ୍ତିଶାଳୀ, ଦେଶର ଆଗ ଧାଡ଼ିର ବ୍ୟବସାୟୀ, ବହୁ ସମ୍ପତ୍ତିର ଅଧିକାରୀ ୬୮ ବର୍ଷ ବୟସ୍କା ଲାନ୍ ଏବେ ଖାଲି ଭିଏତନାମ ନୁହେଁ, ସାରା ବିଶ୍ୱର ଚର୍ଚ୍ଚିତ ଚେହେରା । ଅଭିଯୋଗ ଅନୁସାରେ, ଏହି ମହିଳା ଜଣକ ପ୍ରାୟ ୧୨ ବିଲିଅନ ଡଲାରର ବ୍ୟାଙ୍କ ଠକେଇ କରିଛନ୍ତି । ଏତେ ସମ୍ପତ୍ତିର ଅଧିକାରୀ, ବହୁ ବିଳାସବ୍ୟସନରେ ଜୀବନ ବିତାଉଥିବା ଏହି ଠକ ମହିଳା ଜଣକ, ନିଜ ଜୀବନ ବଞ୍ଚାଇବା ପାଇଁ କୋର୍ଟରେ ଆବେଦନ କରିଥିଲେ ମଧ୍ୟ, କୋର୍ଟ ତାଙ୍କର ଆବେଦନ ଶୁଣିନାହାନ୍ତି, ବରଂ ଆଦେଶ ଦେଇ କହିଛନ୍ତି, ସେ ଠକିଥିବା ୧୨ ବିଲିଅନ ଡଲାରର ତିନି-ଚତୁର୍ଥାଂଶ, ଅର୍ଥାତ୍ ୯ ବିଲିଅନ ଡଲାର ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଫେରାଇ ପାରିଲେ ଯାଇ ମୃତ୍ୟୁ ଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯାଇ ପାରିବ । ବର୍ତ୍ତମାନ ନିଜ ଜୀବନ ବଞ୍ଚାଇବା ପାଇଁ ସେ ସଂଗ୍ରାମ ଜାରି ରଖିଛନ୍ତି । ଏପ୍ରିଲ୍ ମାସରେ ଭିଏତନାମର ଟ୍ରାଏଲ୍ କୋର୍ଟ ଜାଣିବାକୁ ପାଇଲେ ଯେ ଟ୍ରୁଙ୍ଗ୍ ମାଇ ଲାନ୍ ନାମକ ଏହି ମହିଳା ଦେଶର ପଞ୍ଚମ ବୃହତ୍ତମ ଋଣ ପ୍ରଦାନକାରୀ ସଂସ୍ଥା, ସାଇଗନ୍ କମର୍ସିଆଲ୍ ବ୍ୟାଙ୍କକୁ ଗୁପ୍ତ ଭାବରେ ନିୟନ୍ତ୍ରଣ କରୁଥିଲେ ଏବଂ ବିଭିନ୍ନ ବେନାମୀ ଆକାଉଣ୍ଟ ଜରିଆରେ, ପ୍ରାୟ୧୦ ବର୍ଷ ମଧ୍ୟରେ ମୋଟ ୪୪ ବିଲିୟନ ଡଲାର ହେରଫେର କରିଛନ୍ତି ଏବଂ ସେଥିମଧ୍ୟରୁ ସିଧାସଳଖ ସେ ୧୨ ବିଲିଅନ ଡଲାର ଆତ୍ମସାତ କରିଛନ୍ତି । ସରକାରୀ ଦଲିଲ ଅନୁଯାୟୀ ଭିଏତନାମ ତଥା ବିଦେଶରେ ହଜାର ହଜାର ବେନାମୀ କମ୍ପାନୀ ନାଁ ରେ ଋଣ ନେଉଥିଲେ ଏବଂ ନଗଦ ଅର୍ଥ କାରବାର ମଧ୍ୟ କରୁଥିଲେ । ଏହି ଠକେଇରେ ସେ ଏକା ନୁହନ୍ତି, ତାଙ୍କ ସ୍ୱାମୀଙ୍କ ସହ ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ଅଛନ୍ତି । ପ୍ରଥମେ ନିଜର ଦୋଷ ସ୍ୱୀକାର କରୁ ନ ଥିବା ଏହି ମହିଳା ଜଣକ, ଏବେ କହିଛନ୍ତି ଯେ ସେ ଏଥିପାଇଁ ଲଜ୍ଜିତ ଏବଂ ସେ ଯାହା ନେଇଛନ୍ତି ତାହା ଫେରସ୍ତ କରିବା ତାଙ୍କର ଏକମାତ୍ର ଚିନ୍ତା । ସମ୍ପତ୍ତି, ଅର୍ଥ, ପ୍ରତିପତ୍ତି ପାଇଁ ଲୋଭ ଯୋଗୁଁ, ସେ ଆଜି ଏହି ଅବସ୍ଥାକୁ ଆସି ଯାଇଛନ୍ତି । ନିଜର ସମ୍ପତ୍ତି ବିକ୍ରି କରି, କୋର୍ଟର ସର୍ତ୍ତ ପୂରଣ ପାଇଁ ବ୍ୟାକୁଳ ହେଉଛନ୍ତି, କିନ୍ତୁ ତାଙ୍କ ଠାରୁ ସମ୍ପତ୍ତି କିଣିବା ପାଇଁ କେହି ବି ଆଗେଇ ଆସୁ ନାହାନ୍ତି । ଜୀବନ-ମରଣର ଦୋଛକିରେ, ସେ ଜୀବନ ବିତାଉଛନ୍ତି । ଏହି ମହିଳା ଜଣକ ଗୋଟିଏ ଦୋକାନରୁ ହିଁ ଜୀବନ ଆରମ୍ଭ କରିଥିଲେ । ହୋ ଚି ମିନ୍ ସିଟିରେ ଏକ ସିନୋ-ଭିଏତନାମ ପରିବାରରେ ଜନ୍ମଗ୍ରହଣ କରିଥିବା ଟ୍ରୁଙ୍ଗ ମାଇ ଲାନ୍ ଗୋଟିଏ ବଜାରରେ ପ୍ରସାଧନ ସାମଗ୍ରୀ ବିକ୍ରି କରୁଥିଲେ । ୧୯୮୬ରେ କମ୍ୟୁନିଷ୍ଟ ପାର୍ଟି ଅର୍ଥନୈତିକ ସଂସ୍କାର ଆଣିବା ପରେ ସେ ଜମି ଏବଂ ସମ୍ପତ୍ତି କ୍ରୟ କରିବା ଆରମ୍ଭ କରିଥିଲେ । ୧୯୯୦ ଦଶକ ଭିତରେ ସେ ହୋଟେଲ ଏବଂ ରେଷ୍ଟୁରାଣ୍ଟର ଏକ ବୃହତ ପୋର୍ଟଫୋଲିଓର ମାଲିକ ହେଇଯାଇଥିଲେ । ତାଙ୍କର ସଫଳତା ଅନେକଙ୍କ ପାଇଁ ଉଦାହରଣ ଭାବରେ ଉଭା ହେଇଥିଲା । ତେବେ ଆଶ୍ଚର୍ଯ୍ୟର ବିଷୟ, ଜଣେ ବ୍ୟକ୍ତି, ହଠାତ୍ ନିଜର ସମ୍ପତ୍ତି, ପ୍ରତିପତ୍ତି ବଢ଼ାଇ ଚାଲୁଛି, କିନ୍ତୁ ତା' ଉପରେ କାହାରି ନିଘା ନାହିଁ କେମିତି ? ସତ୍ ଉପାୟରେ ବା ଅସତ୍ ଉପାୟରେ, ସେ ଅର୍ଥ ଉପାର୍ଜନ କରୁଛି, ତାହା ଦେଶର ଇଣ୍ଟେଲିଜେନ୍ସ ଜାଣି ପାରିଲାନି କେମିତି ? ଯେଉଁ ବ୍ୟାଙ୍କକୁ ବ୍ୟବହାର କରି, ସେ ଏତେ ବଡ ସାମ୍ରାଜ୍ୟ ସୃଷ୍ଟି କରିପାରିଲା, ତାହା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣ ନ ଥିଲା କି ? ଯଦି ବି ଜଣା ଥିଲା ବା ଏଥିରେ ସେମାନେ ସହଯୋଗ କରୁଥିଲେ, ତେବେ ସେମାନଙ୍କୁ କି ପ୍ରକାର ଦଣ୍ଡ ଦିଆଯାଇଛି ବା ଦିଆଯିବା ଉଚିତ, ତାହା ଖୁବ ଗୁରୁତ୍ୱପୂର୍ଣ୍ଣ । ଏବେ, ସବୁ ଧରା ପଡିଯିବା ପରେ, ସିଏ ସମସ୍ତଙ୍କର ଘୃଣାର ପାତ୍ର । ସମସ୍ତେ ତାଙ୍କୁ ଛି ଛି କରୁଛନ୍ତି । ଲାନଙ୍କ ମାମଲା ଭିଏତନାମରେ ଏକ ଜାତୀୟ ଦୁର୍ନୀତି ନିବାରଣର ଏକ ଅଂଶ ଯାହାକି 'ବ୍ଲେଜିଂ ଫର୍ଣ୍ଣେସ୍' ଭାବରେ ଜଣାଶୁଣା । ଏହି ମାମଲା ଦେଶକୁ ଚକିତ କରି ଦେଇଥିଲା ଏବଂ ଟଙ୍କା ହରାଇଥିବା ଲୋକେ ବିରୋଧ ପ୍ରଦର୍ଶନ ମଧ୍ୟ କରିଥିଲେ । ଏଭଳି ଘଟଣା ଦେଶର ଛବିକୁ ମଳିନ କରିଥାଏ ଏବଂ ନିବେଶକମାନେ ନିଜର ପୁଞ୍ଜି ନିବେଶ ନେଇ ଦ୍ୱନ୍ଦରେ ପଡନ୍ତି । ତେଣୁ ଏହିଭଳି ଘଟଣାକୁ ଏକ ଗୁରୁତର ଅପରାଧ ଭାବରେ ବିଚାର କରିବା ଆବଶ୍ୟକ ଏବଂ ଉଦାହରଣ ସୃଷ୍ଟି କଲା ଭଳି ଦଣ୍ଡ ବିଧାନ କରାଯିବା ଦରକାର ଯାହା ତାଙ୍କୁ ମିଳିଛି । ଏହି ଘଟଣାଟି ଖାଲି ଭିଏତନାମ ନୁହେଁ, ଅନ୍ୟ ଦେଶଗୁଡିକ ପାଇଁ ମଧ୍ୟ ଖୁବ୍ ମାନେ ରଖେ । କାରଣ, ଏହା ଅନ୍ୟମାନଙ୍କୁ ବା ଅନ୍ୟାନ୍ୟ ଆର୍ଥିକ ସଂସ୍ଥା ଏବଂ ବ୍ୟାଙ୍କଗୁଡିକ ପାଇଁ ଗୋଟିଏ ବଡ ଉଦ୍ଦାହରଣ ଭାବରେ ଉଭାହେଇଛି । ଏହି ଘଟଣା ପୁଣି ଥରେ, ଦେଶ ସମୂହକୁ ସଚେତନ କରାଇଛି ଏବଂ ବ୍ୟାଙ୍କ ଠକେଇ ପରି ଘଟଣାର ପରିସୀମା କେତେ ବିସ୍ତୃତ ହେଇପାରେ, ତାହା ସୂଚାଇ ଦେଇଛି । ଏହିଭଳି ଘଟଣା ଯେକୌଣସି ଦେଶରେ, ଯେକୌଣସି ସମୟରେ ଘଟିପାରେ । ମାଇ ଲାନ୍‌ଙ୍କ ପରି ଚରିତ୍ର ପ୍ରାୟ ସବୁ ଦେଶରେ ଅଛନ୍ତି । ଭାରତରେ ଏହାର ଲମ୍ବା ତାଲିକା ରହିଛି । ବ୍ୟାଙ୍କ ଠକେଇ କଥା କହିଲେ, ଆମକୁ ହଠାତ ମନେ ପଡ଼ିଯାଏ, ନିରଭ ମୋଦୀ-ପିଏନବି ସ୍କାମ, ବିଜୟ ମାଲ୍ୟା-କିଙ୍ଗଫିସର ଏୟାରଲାଇନ୍ସ ସ୍କାମ, ରୋଟୋମାକ୍ ପେନ୍ସ ଜାଲିଆତି, ପଞ୍ଜାବ ଏବଂ ମହାରାଷ୍ଟ୍ର ସମବାୟ ବ୍ୟାଙ୍କ ଦୁର୍ନୀତି, ବ୍ୟାଙ୍କ ଅଫ୍ ବରୋଦା ଫରେକ୍ସ ସ୍କାମ, ସାରଦା ଚିଟ୍ ଫଣ୍ଡ ସ୍କାମ ପରି ବଡ ବଡ ବ୍ୟାଙ୍କ ଠକେଇ କଥା, ଯେଉଁଥିରେ ବ୍ୟାଙ୍କର ହଜାର ହଜାର କୋଟି ଟଙ୍କା ବରବାଦ ହେଇଯାଇଛି । ଦେଶର ଅର୍ଥନୀତି ପ୍ରଭାବିତ ହେଉଛି, କିନ୍ତୁ ଦୁଃଖର ବିଷୟ, ଆମେ ସେମାନଙ୍କୁ ଏ ପର୍ଯ୍ୟନ୍ତ ଦେଶକୁ ଫେରାଇ ଆଣିପାରିନାହୁଁ । ଅନେକଙ୍କ ଅବସ୍ଥିତି କେଉଁଠି,ତାହା ମଧ୍ୟ ଜାଣିପାରିନାହୁଁ । ଅଧିକାଂଶଙ୍କୁ ଗିରଫ କରିପାରିନାହୁଁ । ଏହା ନିଶ୍ଚୟ ଭାବରେ କ୍ଷୋଭର ବିଷୟ । ଏହିଭଳି ଅପରାଧୀ କ୍ଷମାର ପାତ୍ର ନୁହନ୍ତି । ଏମାନଙ୍କୁ ଉଚିତ ଦଣ୍ଡ ଦିଆଯିବା ଦରକାର । ବିଗତ ବର୍ଷଗୁଡିକରେ ଭାରତରେ ଘଟିଥିବା ଅନେକ ବଡ ଧରଣର ବ୍ୟାଙ୍କ ଠକେଇ ଦେଶର ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ଏହି ଠକେଇଗୁଡ଼ିକ ଆର୍ଥିକ ବ୍ୟବସ୍ଥାରେ ଥିବା ଅବ୍ୟବସ୍ଥାକୁ ବାହାରେ ପକାଇଛି । କଠୋର ନିୟାମକ ଏବଂ ତଦାରଖ ବୃଦ୍ଧି ପାଇଁ ଜରୁରୀ ଆବଶ୍ୟକତା ଥିବା କଥା ଦର୍ଶାଇଛି । କାରଣ.ଏହିପରି ଘଟଣା, ଦେଶର ଛବିକୁ ବିଶ୍ୱ ଦରବାରରେ ମଳିନ କରିବାରେ ସହାୟକ ହେବ, ବ୍ୟାଙ୍କ ବ୍ୟବସ୍ଥା ଉପରେ ଦେଶର ଜନତାଙ୍କ ଭରସା ମଧ୍ୟ ହ୍ରାସ ପାଇବ । ଭିଏତନାମ ଠାରୁ ଆରମ୍ଭକରି ଭାରତ ବର୍ଷରେ ସଂଗଠିତ ହେଇଥିବା ବଡ ବଡ ବ୍ୟାଙ୍କ ଠକେଇ ଘଟଣା, ପ୍ରତ୍ୟେକଟି ଆମପାଇଁ ଶିକ୍ଷାଦାୟକ ଏବଂ ଏହି ସବୁଥିରୁ ମିଳିଥିବା ଶିକ୍ଷାକୁ ପାଥେୟ କରି ଦେଶର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ବିଚାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସମ୍ପାଦକୀୟ

# ହଜିଯାଉଛି ହସ

## ଡାକ୍ତର ସମ୍ରାଟ କର

ଆପଣ କିଛି ସମୟ ପାଇଁ ପ୍ରକୃତି କୋଳରେ ସମୟ ଅତିବାହିତ କରିବା ପାଇଁ ଚେଷ୍ଟା କରନ୍ତୁ ଆଉ ନିରୋଳାରେ, ନିଭୃତରେ ଟିକିଏ ଭଲ ଭାବେ ଅନୁଭବ କରନ୍ତୁ ପ୍ରକୃତରେ କ'ଣ ଆପଣଙ୍କ ଜୀବନରେ ଆଉ ପୂର୍ବ ପରି ହସ ଅଛି? କାହିଁକି ନାହିଁ ? ମଣିଷର ପ୍ରବୃତ୍ତିଗତ ସାମାଜିକ ଓ ଚରିତ୍ରଗତ ଦୃଷ୍ଟିକୋଣକୁ ଦେଖିଲେ ହସ ହେଉଛି ମଣିଷ ପାଇଁ ଅମୂଲ୍ୟ, ଦୁର୍ମୂଲ୍ୟ ଏକ ମହୌଷଧି । ଶିଶୁଟିର କଅଁଳ ମୁହଁର ହସ କେବଳ ମାଆବାପାଙ୍କୁ ନୁହେଁ, ସମସ୍ତଙ୍କୁ ଖୁସି ଦିଏ । ହେଲେ ସେହି ଶିଶୁ ବଡ଼ ହେଲେ ତା' ମୁହଁରୁ ଏକରକମ ହସ ଉଭେଇ ଯାଏ । ସତେ ଯେମିତି ବୟସ ବଢ଼ିଲେ ଅବସାଦପୂର୍ଣ୍ଣ ହୋଇପଡୁଛି ଜୀବନ । ବ୍ୟସ୍ତତାପୂର୍ଣ୍ଣ ଜୀବନ ଭିତରେ କାହା ମୁହଁରେ ହୃଦୟ ଖୋଲା ହସ ଟିକେ ଦେଖିବା କଷ୍ଟକର ହୋଇପଡୁଛି । ମାନସିକ ଚାପ ଏତେ ବଢ଼ି ଯାଉଛି ଯେ ସବୁ ବର୍ଗର ମଣିଷ ଆଜି ଅଳ୍ପେ ବହୁତ ଦୁଃଖ, କଷ୍ଟ, ଯନ୍ତ୍ରଣାର ଶିକାର କହିଲେ ଚଳେ । ପାଠପଢ଼ାଠୁ ନେଇ ଚାକିରି, ପାରିବାରିକ ଅଶାନ୍ତି ଭଳି ଅନେକ ସମସ୍ୟାରେ ଆଜି ସମସ୍ତେ ଛନ୍ଦି ହୋଇପଡ଼ିଛନ୍ତି । ବିଶେଷକରି ଆଜିର ସୋସିଆଲ ମିଡ଼ିଆ ଯୁଗରେ ପରସ୍ପର ହସିବା, ସମୟ ବିତାଇବା ବହୁତ କମିଯାଇଛି । ମଣିଷ ମେଳରେ ଥାଇ ବି ହସ ଖୋଜୁଛି ମଣିଷ ।

ଅଧିକ ହସ ନେଇପାରେ ଜୀବନ ! ଭିନ୍ନ ଭିନ୍ନ ଶାରୀରିକ ଗତି ବିଧି ସମ୍ବେଦନା ମଧ୍ୟରୁ ହସ ଅନ୍ୟତମ । ପରସ୍ପର ଭିତରେ ଥାଉ ବରଂ ଯେତେ ମତାନ୍ତର, ମନାନ୍ତର ଟିକିଏ ହସ ସବୁକିଛିକୁ ମୁହୂର୍ତ୍ତକ ଭିତରେ ସବୁ ତିକ୍ତତାକୁ ବି ପଛକୁ କରିଦେଇଥାଏ ଆଉ ପରକୁ ନିଜର କରିବାର କଳା ଏହି ହସ ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଆଉ ଏହା ବି ସତ କଥା ସୌନ୍ଦର୍ଯ୍ୟ ଜଣଙ୍କର ବଢ଼ାଇବାରେ ହସର ଯେତିକି ଉପଲବ୍ଧି ରହିଛି ଏହା ସକରାତ୍ମକ ଭାବନା ମଧ୍ୟ ତିଆରି କରିଥାଏ । ଅନେକ ଆଶା ସଞ୍ଚରି ଦେଇଥାଏ ଏହି ଅଳ୍ପ ଟିକିଏ ହସ । କାହା ପାଇଁ ହସର ତରିକା କିଭଳି କ'ଣ ହୋଇପାରେ ସତ କିନ୍ତୁ ହସ ହେଉଛି ସ୍ୱାସ୍ଥ୍ୟ ପାଇଁ ଏକ ଅତ୍ୟନ୍ତ ଜରୁରୀ ବ୍ୟାୟାମ । ଅନେକ ହୁଏତ ଜାଣିନଥାନ୍ତି ମୁଖ ମଣ୍ଡଳରେ ହସଟି ଫୁଲପରି ପ୍ରସ୍ଫୁଟିତ ହେବାଦ୍ୱାରା ମୁଖମଣ୍ଡଳର ଶିରା ପ୍ରଶିରା ଓ ମୁହଁର ଭଙ୍ଗୀରେ ପରିବର୍ତ୍ତନ ଆସିଥାଏ । ଏହାଛଡ଼ା ଆମର ଭାବ ପ୍ରବଣତା ଉପରେ ସକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ । ମନରେ ସଞ୍ଚାର କରିଥାଏ ଅନେକ ଆଶା, ସମ୍ଭାବନା ଓ ଏକ ଉଜ୍ଜ୍ୱଳ ଭରସାର ଚେତନା । ହସିବା ଦ୍ୱାରା ଅବସାଦ ଓ ମାନସିକ ଚାପ ମଧ୍ୟ ଉଡି ଯାଇଥାଏ । ଏହା ସ୍ୱାଭାବିକ କଥା, ଜୀବନ ଅଛି, ମାନେ ମଣିଷ ଜଣଙ୍କ ଅନେକ କାରଣରୁ ଚାପଗ୍ରସ୍ତ ହୋଇପଡ଼ିଥାଏ । ଅନେକ ଦୁଃଶ୍ଚିନ୍ତା, ଅବସାଦର ବୁଢ଼ିଆଣୀ ଜାଲ ଆମ ଭିତରକୁ ପଶି ଆସେ ଏହା ଉଭୟ ଶାରୀରିକ ଓ ମାନସିକ ଭାବେ କେବଳ ଆମକୁ ଅସୁସ୍ଥ କରିନଥାଏ ବରଂ କ୍ଷତାକ୍ତ କରି ଏପରି ଏକ ଶୂନ୍ୟସ୍ଥାନ ତିଆରି କରିଦିଏ ଯେ ଏହା ଭିତରୁ ମୁକୁଳି କିଭଳି ଜଣେ ସୁନ୍ଦର ନିରୋଗ ଜୀବନ ଆଡ଼କୁ ଆଗେଇ ପାରିବ, ତାହା ବଡ଼ ଆହ୍ୱାନ ମଧ୍ୟ ସୃଷ୍ଟି କରିଥାଏ ।

ଅନେକଙ୍କୁ ଏହା ଅଜଣା ହୋଇପାରେ କିନ୍ତୁ ବାସ୍ତବ ସତ୍ୟ ହେଉଛି ହସ ସମସ୍ତଙ୍କୁ ଏକ ମଧୁର ଓ ଦିବ୍ୟ ଅନୁଭବ ଦେଇଥାଏ । ଅନେକଙ୍କ ପାଇଁ ଏହି ଦୁର୍ମୂଲ୍ୟ ସମ୍ପଦଟି ବ୍ୟକ୍ତିତ୍ୱ ବଢ଼ାଇବା ସହିତ ସ୍ୱାସ୍ଥ୍ୟ ପାଇଁ ଏକ ମହୌଷଧି ଭଳି କାମ କରିଥାଏ । ସ୍ୱାସ୍ଥ୍ୟ ପାଇଁ ହସର ଉପାଦେୟତା ସମ୍ପର୍କରେ ଅନେକ ଜାଣନ୍ତି । ପ୍ରଚୁର ହସ ଦ୍ୱାରା ଜଣେ ବ୍ୟକ୍ତି ଭିତରେ ସକାରାତ୍ମକ ଚେତନା ଜାଗ୍ରତ ହୋଇପାରିବ, ଏହା ସମଗ୍ର ଜୀବନ କାଳକୁ ଏପରି ଦୃଢ଼ ଭାବେ ସାମର୍ଥ୍ୟବାନ କରିପାରିବ ଯେ ତାହା ଯେକୌଣସି ଜଟିଳ ପରିସ୍ଥିତି ହେଉନା କାହିଁକି ଏହାକୁ ସାମ୍ନା କରିବାର ସାହାସ ଓ ସାମର୍ଥ୍ୟ କିନ୍ତୁ ନିଶ୍ଚିନ୍ତ ତିଆରି କରିପାରିଥାଏ ।

ତେବେ ଅନେକ ହୁଏତ ଜାଣିନଥିବେ ଅଧିକ ହସ ମଧ୍ୟ ଜୀବନ ଘାତକ ହୋଇପାରେ । କିଛି ଦିନ ତଳେ ଦକ୍ଷିଣ ଭାରତର ଜଣେ ସିନେ ଅଭିନେତ୍ରୀ ନିଜ ନିୟମିତ ହସରୁ ମୁକୁଳାଇ ପାରୁନଥିବାର ଖବର ପ୍ରକାଶ ପାଇଥିଲା । ତେବେ ଅନେକ ହୁଏତ ଜାଣିନାହାଁନ୍ତି ହସରୁ ମୃତ୍ୟୁ ପୁରାପୁରି ଏକ ବିରଳ ପ୍ରକାରର ମୃତ୍ୟୁ । ସାଧାରଣତଃ ଏହା କାର୍ଡ଼ିଆକ୍ ଆରେଷ୍ଟ ବା ହୃଦଘାତ କିମ୍ବା ଆଷ୍ଟିଜିଏସନ, ଯାହା ବେଳେ ବେଳେ ଅତ୍ୟଧିକ ହସ କାରଣରୁ ହୋଇଥାଏ । ଯଦିଓ ହସିବା କାରଣରୁ ଜଣେ ମୃତ୍ୟୁମୁଖରେ ପଡ଼ିବା ଅସ୍ୱାଭାବିକ ମନେହୁଏ, ତଥାପି ପ୍ରାଚୀନ ଗ୍ରୀସଠାରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଅନେକ ଥର ଏଭଳି ଘଟିଛି । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀର ଜଣେ ଚିତ୍ରଶିଳ୍ପୀ ଜିଅକ୍ସିସ । କୁହାଯାଏ ହସିବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ଲୋକମାନଙ୍କୁ ହସେଇବା ପାଇଁ ସୋସିଆଲ ମିଡ଼ିଆ ଓ ୟୁଟ୍ୟୁବରେ ଅନେକ ବିଷୟ କେମଡ଼ିଆନଙ୍କ ଦ୍ୱାରା ପୋଷ୍ଟ ହେଉଛି । ଷ୍ଟାଣ୍ଡଅପ୍ କମେଡ଼ି ଶୋ' ଆୟୋଜନ ହେବା ସହ ଏହାକୁ ଦେଖିବାକୁ କେବଳ ଯୁବପିଢ଼ି ନୁହେଁ ଅନ୍ୟ ସମସ୍ତ ବର୍ଗଙ୍କ ଭିତର ମଧ୍ୟ ପ୍ରବଳ ଆଗ୍ରହ ବଢୁଛି । ଏହି କାର୍ଯ୍ୟକ୍ରମରେ ସମସ୍ତେ ସିଧାସଳଖ ଯୋଡ଼ି ହୋଇ ସାଙ୍ଗସାଥୀଙ୍କ ମେଳରେ କିଛି ମୁହୂର୍ତ୍ତ ହସିବା ଓ ହସି ହସି ସମୟକୁ ଉପଭୋଗ ମଧ୍ୟ କରିପାରୁଛନ୍ତି ।

ଅସଲ କଥା ହେଉଛି ଆମ ଶରୀର ପାଇଁ ବାସ୍ତବରେ ଏଣ୍ଡୋର୍ଫିନ୍ ହରମୋନ ହେଉଛି ପ୍ରାକୃତିକ ପେନକିଲର ବା ଯନ୍ତ୍ରଣା ନିବାରକ । ଆମେ ଯେତେବେଳେ ହସୁ, ସେହି ସମୟରେ ଏହି ହରମୋନ ଉତ୍ପନ୍ନ ହୋଇଥାଏ । ଏହି ହରମୋନ ଆମକୁ ଉତ୍ତମ ଅନୁଭବ କରାଇବାରେ ସହାୟତା କରିଥାଏ । ହସିବା ଦ୍ୱାରା ଆମ ଶରୀରରେ ଟିସେଲସଗୁଡ଼ିକର ବୃଦ୍ଧି ହୋଇଥାଏ । ଏହା ଆମ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇଥାଏ । ଯେତେବେଳେ ଆମେ ହସୁ, ଆମ ଶରୀରରେ ଟିସେଲସ ବୃଦ୍ଧି ପାଏ ଓ ଆମେ ରୋଗ ସହିତ ଲଢ଼ିବାକୁ ସକ୍ଷମ ହୋଇଥାଉ । ହସିବା ଏକ ଅସାଧାରଣ କସରତ । ବିଶେଷକରି ଯେତେବେଳେ ଜଣେ ବ୍ୟକ୍ତି ଶାରୀରିକ ଦୁର୍ବଳତା କିମ୍ବା ଆଘାତ କାରଣରୁ ଅନ୍ୟ କୌଣସି ପ୍ରକାର ଶାରୀରିକ ବ୍ୟାୟାମ କରିପାରନ୍ତି ନାହିଁ ସେମାନଙ୍କ ପାଇଁ ହସ ଅତ୍ୟନ୍ତ ଉତ୍ତମ ବ୍ୟାୟାମ ଭାବେ କାର୍ଯ୍ୟ କରିଥାଏ ।

ହସର ଆଉ ଏକ ଉପାଦେୟତା ହେଉଛି, ଏହା ଆମ ପେଟର ବ୍ୟାୟାମ କରିଥାଏ । ହସିବା ଦ୍ୱାରା ଆମ ପେଟର ମାଂସପେଶୀ ପ୍ରସାରିତ ହୋଇଥାଏ । ପେଟ ପାଇଁ ନାନା ପ୍ରକାର ବ୍ୟାୟାମରୁ ଯାହାଫଳ ମିଳିଥାଏ, ହସରୁ ମଧ୍ୟ ତାହା ମିଳିଥାଏ । ଫଳରେ ଆମେ ପେଟ ପାଇଁ ବିଶେଷ କିଛି ବ୍ୟାୟାମ ନକରି ମଧ୍ୟ କେବଳ ହସ ଦ୍ୱାରା ସେହି ସୁଫଳ ପାଇଥାଉ । ଏକ ସୁସ୍ଥ ପାକସ୍ଥଳୀ, ପେଟ ପାଇଁ ହସଠାରୁ ଆଉ କୌଣସି ସୁବିଧାଜନକ ବ୍ୟାୟାମ ଅଛି କି ? ଏସବୁ ବ୍ୟତୀତ ହସ ଆମର ଷ୍ଟ୍ରେସ ବା ଚାପ ହରମୋନ ହ୍ରାସ କରିଥାଏ । ଆଙ୍ଗଜାଇଟି ଦୂର କରେ । ରକ୍ତଚାପ କମ୍ କରିବାରେ ସହାୟତା କରେ । ଫଳରେ ହାର୍ଟ ଆଟାକ୍ କିମ୍ବା ଷ୍ଟ୍ରୋକ ହେବାର ଆଶଙ୍କା ମଧ୍ୟ କମ୍ ହୋଇଥାଏ ।

ହସ ଆମ ଶରୀରର ଆଣ୍ଟିବଡ଼ି ଉତ୍ପାଦନକୁ ଅଧିକ ଉତ୍ତେଜିତ କରିଥାଏ ଓ ରୋଗ ପ୍ରତିଷେଧକ କୋଷଗୁଡ଼ିକୁ ସକ୍ରିୟ କରିଥାଏ । ଏହା ରୋଗ ଓ ସଂକ୍ରମଣକୁ ପ୍ରତିରୋଧ କରିବାରେ ସହାୟତା କରେ । ଏହାଦ୍ୱାରା ଆମର ଚାପ ମଧ୍ୟ କମ୍ ହୋଇଥାଏ । ହସିବା ଦ୍ୱାରା ଫୁସ୍‌ଫୁସ୍‌ର ଶକ୍ତି ବୃଦ୍ଧି ପାଇଥାଏ ।

ଶ୍ୱାସ ସମ୍ବନ୍ଧିତ ସମସ୍ୟା କମ୍ ହୋଇଥାଏ । ଶ୍ୱାସ ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ଲକ୍ଷଣକୁ ମଧ୍ୟ କମ୍ କରିଥାଏ ହସ । ଶରୀରତତ୍ତ୍ୱ ଅନୁଯାୟୀ ମଣିଷର ଶରୀରରେ ଏପରି ଅନେକ ହରମୋନ ରହିଥାନ୍ତି, ଯେଉଁମାନେ ଶରୀରରେ ଅନେକ ଚାପ ସୃଷ୍ଟି କରିଥାନ୍ତି । କିନ୍ତୁ ଏହି ହସ ଟିକକ କର୍ଟିସୋଲ ଓ ଏଣ୍ଡ୍ରୋନାଲାଇନ ଭଳି ଚାପ ସୃଷ୍ଟିକାରୀ ହରମୋନ ପାଇଁ ସଞ୍ଜିବନୀ ପରି କାମ କରିଥାଏ । ଜଣେ ମଣିଷ ଚାପ ଗ୍ରସ୍ତ ହେବା ଦ୍ୱାରା ତାର ମସ୍ତିଷ୍କରେ ସଠିକ୍ ସମୟରେ, ସଠିକ ପରିମାଣର ରକ୍ତ ପହଞ୍ଚି ପାରିନଥାଏ । ଯାହାଦ୍ୱାରା ଜଣଙ୍କର ରକ୍ତଚାପ ମଧ୍ୟ ହେବାର ସମ୍ଭାବନା ସୃଷ୍ଟି ହୋଇଥାଏ । କିନ୍ତୁ ମନ ଖୋଲା ହସ ଦ୍ୱାରା ଉଭୟ ଅକ୍ସିଜେନ ଓ ରକ୍ତ ପ୍ରବାହ ସ୍ୱାଭାବିକ ହୋଇ ମାନସିକ କ୍ଷେତ୍ରକୁ ସୁସ୍ଥତାରେ ଭରି ଦେଇଥାଏ ଏହା ମୁଡ଼କୁ ଠିକ ରଖିବା ସହ ନିଃସଙ୍ଗତାକୁ ଦୂରେଇ ସାମାଜିକ ସମ୍ପର୍କ, ଭଲ ପାଇବାକୁ ଦୃଢ଼ୀଭୂତ କରିଥାଏ । ଏହା ଏକଲାପଣକୁ ଦୂରେଇବା ସହ ନିତିଦିନିଆ ଧାଁଧଉଡ଼ କର୍ମବ୍ୟସ୍ତ ସଂଘର୍ଷମୟ ଜୀବନ ଭିତରେ ବଞ୍ଚିବାର ରାହା ଦେଖାଇଥାଏ । ମନଖୋଲା ହସ ଜଣଙ୍କୁ ଅନିଦ୍ରା ସମସ୍ୟାରୁ ଦୂରେଇ ବା ଦ୍ୱାରା ଏହା ଶରୀରରେ ଏପରି ଏକ ଚମକ ତିଆରି କରିଥାଏ ଯେ ତାହା ତ୍ୱଚାକୁ କୋମଳ ଓ ଉଜ୍ଜ୍ୱଳ ରଖିଥାଏ ।

ହସର ଖରାପ ଦିଗ ମଧ୍ୟ ବି କିଛି ଥାଇପାରେ । କିନ୍ତୁ ହସ ପରି ଏକ ମୂଲ୍ୟବାନ ସମ୍ପତ୍ତିକୁ ଜୀବନର ବଡ଼ ଉପଲବ୍ଧି ଭାବେ ଗ୍ରହଣ କରିବାର ମାନସିକତା ଏକ ସକାରାତ୍ମକ ଜୀବନ ଆଡ଼କୁ ନେଇଯାଇଥାଏ । ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ମୁଁ ଅନୁଭବ କରିଛି ଜଣେ ପୀଡ଼ିତ ବା ମୁର୍ମୁଷୁ ପାଇଁ ଏହି ହସ ଏପରି ଏକ ରାମବାଣ ପରି କାମ କରେ ଯେ ଅସଜଡ଼ା, ଅବସାଦ ଓ ଭାଙ୍ଗି ଯାଇଥିବା ମୁର୍ମୁଷୁଟି ହସ ଟିକକ ପାଇବା ପରେ ଜୀବନର ବାସ୍ତବ ଆନନ୍ଦ ପାଇବାକୁ ସମର୍ଥ ହୋଇପାରିଥାଏ । ନିଜେ ମନଖୋଲା, ହୃଦୟଖୋଲା ହସିବା ସହ ଅନ୍ୟମାନଙ୍କୁ ହସାଇବା ପାଇଁ ଚେଷ୍ଟା କରିବା ଆବଶ୍ୟକ । କାରଣ ଭିନ୍ନ ଭିନ୍ନ କାରଣରୁ ବିଷାଦଗ୍ରସ୍ତ ଥିବା ମନୁଷ୍ୟ ଜୀବନରେ ହସ ମହୌଷଧି ତୁଲ୍ୟ କାର୍ଯ୍ୟ କରିଥାଏ ।

**ମାନସିକରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ମୋ-୯୧୩୨୪୩୩୩୩୩**

# ବିଗତ ଦିନର ଗୁରୁକୁଳ ଶିକ୍ଷା ପଦ୍ଧତି

## ଲଳିତ ମୋହନ ମିଶ୍ର

ଭାରତୀୟ ସଂସ୍କୃତିରେ ଓ ଶୈକ୍ଷଣିକ ଇତିହାସରେ ଗୁରୁକୁଳ ଶିକ୍ଷା ପଦ୍ଧତି ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ବଜାୟ ରଖିଛି । ଏହି ପଦ୍ଧତି ବୈଦିକ କାଳରୁ ଚାଲି ଆସୁଅଛି । ଏହି ପଦ୍ଧତି ବିଦ୍ୟାର୍ଥିଙ୍କୁ କେବଳ ଜ୍ଞାନ ଅର୍ଜନର ମାଧ୍ୟମ ଦେଉ ନଥିଲା ବରଂ ସେମାନଙ୍କର ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରାଉଥିଲା । ଆଜିର ଯାନ୍ତ୍ରିକ ଓ ପରିଣାମ ଉନ୍ମୁଖ ଶିକ୍ଷାତନ୍ତ୍ରରେ ନୈତିକ ମୂଲ୍ୟବୋଧ ଓ ଜୀବନ-କୌଶଳର ଅଭାବ ସ୍ପଷ୍ଟ ପ୍ରତୀୟମାନ ।

ଏଥିପାଇଁ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଫେରିବାର ଆବଶ୍ୟକତା... ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ ହୋଇ ପଡିଛି । ଗୁରୁକୁଳ ଶିକ୍ଷା ପଦ୍ଧତି କେବଳ ଶୈକ୍ଷିକ ଜ୍ଞାନ ଉପରେ ଆଧାରିତ ନ ଥିଲା । ଏଥିରେ ବିଦ୍ୟାର୍ଥୀଙ୍କର ନୈତିକତା, ଅନୁଶାସନ, ଶୃଙ୍ଖଳା, ସହ-ଅସ୍ତିତ୍ୱ ଓ ଆତ୍ମନିର୍ଭରଶୀଳତା... ଇତ୍ୟାଦି ଗୁଣଗୁଡିକୁ ବିକଶିତ କରାଇବା ପାଇଁ... ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ବିଦ୍ୟାର୍ଥି ନିଜ ଗୁରୁଙ୍କ ତତ୍ତ୍ୱାବଧାନରେ ପ୍ରାକୃତିକ ପରିବେଶରେ ରହି ଅଧ୍ୟୟନ କରୁଥିଲା । ଏହି ଶିକ୍ଷା ପଦ୍ଧତି ସେମାନଙ୍କୁ କେବଳ ପାଠ୍ୟକ୍ରମଭିତ୍ତିକ ଶିକ୍ଷା ଦେଉ ନଥିଲା ବରଂ ସେମାନଙ୍କ ମଧ୍ୟରେ ସାମାଜିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧର ସଂଚାର ସୃଷ୍ଟି କରୁଥିଲା ।

ଆଜି ଯେତେବେଳେ ଆମ ଶିକ୍ଷା ପଦ୍ଧତି ରୋଜଗାର କେନ୍ଦ୍ରୀତ ହୋଇଯାଇଛି ଏବଂ ଏହା କେବଳ ପ୍ରତିସ୍ପର୍ଦ୍ଧା ଓ ମୂଲ୍ୟାଙ୍କନ ଆଧାରିତ ହୋଇଯାଇଛି, ସେତେବେଳେ ବିଦ୍ୟାର୍ଥିଙ୍କ ମଧ୍ୟରେ ନୈତିକତା, ସହିଷ୍ଣୁତା ଓ ସମାବେଶୀତାର ଅଭାବ ସ୍ପଷ୍ଟ ରୂପରେ ପ୍ରତୀତ ହେଉଅଛି । ଆଧୁନିକ ଶିକ୍ଷା ପଦ୍ଧତି ବିଦ୍ୟାର୍ଥିଙ୍କୁ ବ୍ୟବହାରିକ ଜ୍ଞାନଠାରୁ ଦୂରେଇ ଦେଉଛି ଏବଂ ଏହା ଏକ ମେସିନର ଅଂଶ କରି ଦେଉଅଛି । ଯାହା କେବଳ ବିଦ୍ୟାର୍ଥି କାହିଁକି ଗୁରୁଙ୍କୁ ବି ଏକ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ନିର୍ଦ୍ଦେଶିତ କରୁଅଛି ।

ଅପରପକ୍ଷରେ ଗୁରୁକୁଳ ଶିକ୍ଷା ପଦ୍ଧତିରେ ଶିକ୍ଷାକୁ ଏକ ବଞ୍ଚିବାର କଳା ଭାବରେ ନିଆ ଯାଉଥିଲା, ଯେଉଁଥିରେ ବିଦ୍ୟାର୍ଥିଙ୍କ ବୌଦ୍ଧିକ, ଭାବନାତ୍ମକ ଏବଂ ଶାରୀରିକ ବିକାଶର ସାମଗ୍ରିକ ଧ୍ୟାନ ରଖା ଯାଉଥିଲା । ଗୁରୁକୁଳ ଶିକ୍ଷା ପଦ୍ଧତିରେ ବିଦ୍ୟାର୍ଥିଙ୍କୁ ପ୍ରକୃତିର ନିକଟତର କରା ଯାଉଥିଲା । ଯେଉଁଥିରେ ସେମାନଙ୍କୁ ପର୍ଯ୍ୟାବରଣର ସଂରକ୍ଷଣ ଏବଂ ପ୍ରାକୃତିକ ସଂସାଧନର ମହତ୍ତ୍ୱ ବୁଝିବାରେ ସେମାନଙ୍କୁ ସହଯୋଗ ହେଉଥିଲା । ଆଜି ଯେତେବେଳେ ପରିବେଶ ସଙ୍କଟର ଚରମ ସୀମାରେ ଓ ଜଳବାୟୁ ପରିବର୍ତ୍ତନ ଆମ ସାମ୍ନାରେ ଏକ ବଡ଼ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି, ସେତେବେଳେ ଗୁରୁକୁଳ ବ୍ୟବସ୍ଥାର ଏହି ଦିଗଟିକୁ ଆପଣେଇବା ପାଇଁ ସମୟର ଆବଶ୍ୟକତା ରହିଛି ।



ଏତଦ୍ ବ୍ୟତୀତ ଏହି ପଦ୍ଧତିରେ ବିଦ୍ୟାର୍ଥିଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ବ୍ୟବହାରିକ କାର୍ଯ୍ୟ... ଯଥା - କୃଷି, କାରିଗରୀ, ଯୋଗ ଓ ନୈତିକ ଜ୍ଞାନ ବିଷୟରେ ପ୍ରଶିକ୍ଷଣ ଦିଆଯିବା ଉଚିତ । କିନ୍ତୁ ଏହି ସବୁଗୁଡିକ ଆଧୁନିକ ଶିକ୍ଷା ପଦ୍ଧତିରେ... ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବା ଏକ ଚ୍ୟାଲେଞ୍ଜପୂର୍ଣ୍ଣ ବିଷୟ । ବର୍ତ୍ତମାନର ବିଶ୍ୱ ଅର୍ଥନୀତି ଓ ବୈଷୟିକ ଯୁଗରେ କେବଳ ଗୁରୁକୁଳ ବ୍ୟବସ୍ଥା ଉପରେ ନିର୍ଭର କରିବା ଠିକ୍ ନୁହେଁ । କିନ୍ତୁ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାର ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ସମ୍ଭବ ।

ଏଥିପାଇଁ ନୈତିକ ଶିକ୍ଷା, ଯୋଗ ଓ ସହ-ଅସ୍ତିତ୍ୱ ଭଳି ବିଷୟଗୁଡିକୁ ପାଠ୍ୟକ୍ରମରେ ସାମିଲ କରାଯାଇପାରିଲେ ବିଦ୍ୟାର୍ଥୀମାନେ ବେଶ ଉପକୃତ ହୋଇପାରିବେ । ଏହା ସହିତ ପ୍ରାକୃତିକ ପରିବେଶରେ ଶିକ୍ଷାଦାନ ଓ ବ୍ୟବହାରିକ ଅଭିଜ୍ଞତା ସହିତ ବିଦ୍ୟାର୍ଥିଙ୍କୁ ଯୋଡ଼ିବା ପାଇଁ ମଧ୍ୟ ପ୍ରୟାସ କରାଯାଇପାରିବ । ଏ ଦିଗରେ ଚିନ୍ତାଶୀଳ ଜନନାୟକ, ବୁଦ୍ଧିଜୀବୀ ଓ ସମାଜ ମିଳିତ ଭାବରେ ପଦକ୍ଷେପ ନେବା ଦରକାର ।

ଶିକ୍ଷା ନୀତିରେ ଗୁରୁକୁଳ ବ୍ୟବସ୍ଥାର ନୀତିକୁ ପୁନରୁଦ୍ଧାର କରିବା ପାଇଁ ନୀତି ପରିବର୍ତ୍ତନର ଆବଶ୍ୟକତା ରହିଛି । ଗୁରୁମାନେ ମଧ୍ୟ ନିଶ୍ଚିତ କରିବା ଆବଶ୍ୟକ ଯେ... ଶିକ୍ଷା ପଦ୍ଧତି କେବଳ ମୂଲ୍ୟାୟନ ଭିତରେ ସୀମିତ ନ ରହି ବିଦ୍ୟାର୍ଥିଙ୍କ ଜୀବନର ମୂଲ୍ୟବୋଧ ଏବଂ ବ୍ୟକ୍ତିଗତ ବିକାଶକୁ ଗୁରୁତ୍ୱ ଦେବା ଦରକାର । ଗୁରୁକୁଳ ଶିକ୍ଷା ପଦ୍ଧତି ଆମ ସଂସ୍କୃତି ଓ ପରମ୍ପରାର ଏକ ଅଭିନ୍ନ ଅଙ୍ଗ । ଆଧୁନିକ ପରିପ୍ରେକ୍ଷୀରେ ଏହାକୁ ପୁନରୁଦ୍ଧାର କଲେ, ଆମର ନୂତନ ପିଢ଼ି ଏହାକୁ ଏକ ସନ୍ତୁଳିତ, ନୈତିକ ଏବଂ ଆତ୍ମନିର୍ଭରଶୀଳ ସମାଜ ଆଡକୁ ଅଗ୍ରସର ହୋଇପାରିବେ । ଏହା କେବଳ ଶିକ୍ଷାର ପ୍ରଶ୍ନ ନୁହେଁ, ବରଂ ଏକ ଉନ୍ନତ ଭବିଷ୍ୟତର ମୂଳଦୁଆ ପକାଇବାର ପ୍ରୟାସ...।

**ନୟାଗଡ଼,**
**ମୋ-୯୪୩୭୯୮୫୮୬୬**

# ମୁଣ୍ଡବ୍ୟଥାରୁ ଆରମ୍ଭ ହୁଏ 'ଅଧାକପାଳି'

## ଡାକ୍ତର ଗୁରୁପ୍ରସାଦ ମିଶ୍ର

ଉପଯୁକ୍ତ ଚିକିତ୍ସାରେ ରହି ଜୀବନ ଶୈଳୀକୁ ପରିବର୍ତ୍ତନ କରିଦେଲେ ଅଧାକପାଳି ଦୂରେଇଯାଏ । ଏକ ଅଧ୍ୟୟନ ଅନୁସାରେ ପୁରୁଷଙ୍କ ତୁଳନାରେ ନାରୀମାନଙ୍କ ଠାରେ ଅଧାକପାଳି ତିନିଗୁଣ ଅଧିକ ଦେଖାଯାଏ ।

ଅଧାକପାଳି ମୁଣ୍ଡବ୍ୟଥାରୁ ହିଁ ଆରମ୍ଭ ହୁଏ । ଅଧାକପାଳି ହୋଇଥିଲେ ପ୍ରଥମେ ମୁଣ୍ଡ ତଳ ଭାଗକୁ ଅତି ଜୋରରେ ବିନ୍ଧା ହୁଏ ଓ କାନମୂଳ ଜୋରରେ ବିନ୍ଧେ । ମୁଣ୍ଡ ବିନ୍ଧିବା ସମୟରେ ଏହା ସେହି ସ୍ଥାନ ପରିବର୍ତ୍ତନ କରି ଅନ୍ୟ ସ୍ଥାନ ମଧ୍ୟ ବିନ୍ଧେ । ତା ପରେ ଭଲ ହୁଏ । କାର୍ଯ୍ୟରେ ଟିକେ ବ୍ୟତିକ୍ରମ ହେଲେ ପୁନଶ୍ଚ ସେ ବାହାରି ପଡ଼େ । ଅଧାକପାଳି ହେବାଦ୍ୱାରା ବାନ୍ତି ହେବା, ଚିଡ଼ିଚିଡ଼ି ଲାଗିବା, ଅଧିକ ଭୟ ଲାଗିବା ପରି ସମସ୍ୟାମାନ ଦେଖାଯାଏ ।

ତିନୋଟି ସୋପାନ : ତିନୋଟି ସୋପାନରେ ଅଧାକପାଳି ଦେଖାଯାଏ । ପ୍ରଥମେ ସାମାନ୍ୟ (ଫୋନୋଫୋବିୟା) ଅଧାକପାଳି ଦେଖାଯାଏ । ଏହି ସୋପାନରେ ବ୍ୟକ୍ତିର ଆଖି ଉପର ପତା ପାଖରେ ବିନ୍ଧା ଓ ଦରଜ ହୋଇଥାଏ । ଦ୍ୱିତୀୟ ସୋପାନ ପରାମଣ୍ଡଳ ଅଧାକପାଳି ବା କ୍ଲାସିକ ଅଧାକପାଳି । ଏହି ସୋପାନରେ ଆଖିକୁ ଝିଲ୍‌ମିଲ୍ ଦେଖାଯାଏ । ବିଭିନ୍ନ ବସ୍ତୁର ଆକାର ଦୁଇ ଦୁଇଟି ଦେଖାଯାଏ । ସୂର୍ଯ୍ୟଙ୍କ କିରଣ, ବିଭିନ୍ନ ପ୍ରକାର ରଙ୍ଗ ଓ ଆଲୋକ ମଧ୍ୟ ଝିଲମିଲ ଦେଖାଯାଏ । ତୃତୀୟ ସୋପାନକୁ ଜଟିଳ ଅଧାକପାଳି କୁହାଯାଏ । ଏହି ସୋପାନରେ ମସ୍ତିଷ୍କ ଠିକ୍ ଭାବରେ କାମ କରେ ନାହିଁ । ଯାହାଫଳରେ ପ୍ରବଳ ମୁଣ୍ଡ ଦରଜ ଓ ମୁଣ୍ଡବିନ୍ଧା ପରି ସମସ୍ୟାମାନ ଦେଖାଯାଏ ।

୪୦ରୁ ୬୦ ପ୍ରତିଶତ ଅଧାକପାଳି ଚେତାବନୀ ଦେଇ ସାରିବା ପରେ ବିରାଟ ରୂପ ଧାରଣ କରେ । ଚେତାବନୀ ଅର୍ଥାତ୍ ଆଖିର ଉପର ପତାରେ ବାରମ୍ବାର ଦେଖାଦେବା ପରେ ଯାଇ ଏହା ବଡ଼ ଆକାରରେ ପରିଣତ ହୁଏ । ପ୍ରଥମରୁ ଏହା ନିମ୍ନଲିଖିତ ଭାବେ ଦେଖାଯାଏ । ଯଥା ନିଦ ନ ହେବା, ଚିଡ଼ିଚିଡ଼ାପଣ ପ୍ରକାଶ ପାଇବା, ଥକ୍କା ଲାଗିବା, ଚିନ୍ତାଶୀଳ ହୋଇ ପଡ଼ିବା ପରି ଅନୁଭବ କରିବା । ସେହିପରି ମିଠା ତେଲ ଓ ଲୁଣଯୁକ୍ତ ଖାଦ୍ୟ ଖାଇବାକୁ ଅହରହ ଇଛା ହେବା ଇତ୍ୟାଦି ଲକ୍ଷଣ । ବହୁତ ଦିନ ଆଗରୁ ଏହା ଦେଖାଯାଏ । କିନ୍ତୁ ବ୍ୟକ୍ତି ଜାଣିପାରେ ନାହିଁ ତାକୁ ଅଧାକପାଳି ଗ୍ରାସ କରିଛି । ଏ ହେବ ମନେ ରଖିବା ଉଚିତ ଏହା ଅଧାକପାଳି ଲକ୍ଷଣ । ସଙ୍ଗେ ସଙ୍ଗେ ଚିକିତ୍ସକଙ୍କ ପରାମର୍ଶ ନେଇ ଏଥିରୁ ମୁକ୍ତ ହୁଅନ୍ତୁ । ନଚେତ୍ ଏହାର ଭୟଙ୍କର ରୂପ ଦେଖିବାକୁ ମିଳିବ । ଆସନ୍ତୁ ସର୍ବପ୍ରଥମେ ଜାଣିବା କେଉଁ କେଉଁ କାରଣ ପାଇଁ ଅଧାକପାଳି ଦେଖାଯାଇଥାଏ? ସେଗୁଡ଼ିକ ଭିତରୁ ପ୍ରମୁଖ ହେଉଛି ଅତ୍ୟଧିକ ଚିନ୍ତାଶୀଳ ରହିବା, ଲଗାତର ଅନେକ ଦିନ ଧରି ରାତିରେ ନ ଶୋଇବା, ଶରୀରରେ ହର୍ମୋନ୍ ପରିବର୍ତ୍ତନ, ଶାରୀରିକ ଥକ୍କା, ଭୟଙ୍କର ସ୍ୱପ୍ନ ଦେଖିବା ଦ୍ୱାରା, ଉଗ୍ର କିମ୍ବା ମଦ ପିଇବା ଦ୍ୱାରା, ଋତୁ ପରିବର୍ତ୍ତନ ହେବା ଦ୍ୱାରା, ଅତ୍ୟଧିକ କଫି ପିଇବା ଦ୍ୱାରା, ସିଗାରେଟ ଧୂଆଁ ନାକରେ ବାଜିଲେ ଅଧାକପାଳି ଦେଖାଯିବାର ଶତ ପ୍ରତିଶତ ଆଶଙ୍କା ରହିଛି । ଆସନ୍ତୁ ଏ ନେଇ ସତର୍କତା ସମ୍ପର୍କରେ କିଛି ଜାଣିବା। ଉଜ୍ଜ୍ୱଳ ଆଲୋକ ଓ ରଶ୍ମିଠାରୁ ଦୂରେଇ ରୁହନ୍ତୁ, ଅତ୍ୟଧିକ ଖରା କିମ୍ବା ଥଣ୍ଡାରେ ଘରୁ ବାହାରନ୍ତୁ ନାହିଁ, ରାଗ ମସଲାଯୁକ୍ତ ଖାଦ୍ୟ, ଆଚାର, ଡବାବନ୍ଦ ଖାଦ୍ୟ କିମ୍ବା ଛଣାଛଣି ଖାଦ୍ୟ ଖାଆନ୍ତୁ ନାହିଁ। ଅଧାକପାଳି ଦେଖାଦେବା ସମୟରେ ନିମ୍ନମତେ କାର୍ଯ୍ୟ କରିବେ, ମୁହଁକୁ ଥଣ୍ଡା ପାଣିରେ ଧୋଇ ସାରିବା ପରେ ଘରକୁ ଅନ୍ଧାର କରି ବିଶ୍ରାମ ନିଅନ୍ତୁ, ପ୍ରାୟ ୭-୮ ଘଣ୍ଟା ପର୍ଯ୍ୟନ୍ତ ଗାଢ଼ ନିଦ୍ରାରେ ଶୁଅନ୍ତୁ, ଆଖି ଉପରେ ବେଶୀ ଚାପ ପକାଉଥିବା କାର୍ଯ୍ୟ କରନ୍ତୁ ନାହିଁ, ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ, କିଛି କିଛି ସମୟ ପରେ ଅଳ୍ପ ଅଳ୍ପ ଭୋଜନ କରନ୍ତୁ । ପେଟକୁ ଖାଲି ରଖନ୍ତୁ ନାହିଁ । ଏକାଥରକେ ପେଟେ ଖାଦ୍ୟ ଖୁଆନ୍ତୁ ନାହିଁ । ମନେ ରଖନ୍ତୁ ଅଧାକପାଳି ଏକ ବଡ଼ ଶାରୀରିକ ସମସ୍ୟା ବା ରୋଗ ନୁହେଁ। ଏହାକୁ ନେଇ ସେପରି ଭୟଭୀତ ହେବାର କୌଣସି କାରଣ ମଧ୍ୟ ନାହିଁ। ଆପଣଙ୍କ ଶାରୀରିକ ସମସ୍ୟା ଦେଖାଦେବା ମାତ୍ରେ ଆପଣ ତୁରନ୍ତ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନିଅନ୍ତୁ। ଅଭିଜ୍ଞ ଭେଷଜ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ଆପଣଙ୍କ ସାମାନ୍ୟ ସତର୍କତା, ସଚେତନତା ଆପଣଙ୍କୁ ନିଶ୍ଚିନ୍ତ ଭାବେ ଆରୋଗ୍ୟ କରିବ।

ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପୁଣି ତେଜିଲା ଶିକ୍ଷକ ଆନ୍ଦୋଳନ

# ୧୦ ରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେବିଶାଳ ସମାବେଶ

ଖୋର୍ଦ୍ଧା, (ସବ୍ୟୁ) : ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଦାବିକୁ ନେଇ ପୁଣି ଏକ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି । ଚଳିତ ମାସ ୧୦ତାରିଖରେ ଭୁବନେଶ୍ୱରର ରାଜରାସ୍ତାରେ ଏକ ମହାସମାବେଶରେ ସମବେତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଖୋର୍ଦ୍ଧା ଜିଲ୍ଲାର ଆବାହକ ତଥା ଓଷ୍ଟା ଖୋର୍ଦ୍ଧା ଜିଲା ସମ୍ପାଦକ ସୁଧାକର ମହାପାତ୍ରଙ୍କ ଆବାହକତ୍ୱରେ ଜିଲ୍ଲା ସ୍ତରୀୟ କନଭେସନ ଓଷ୍ଟାଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟାଳୟ ପଲ୍ଲାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓଷ୍ଟା ର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେଏହି ବୈଠକରେ ୧୯୪ ବିଦ୍ୟାଳୟ ସହିତ ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ପେନସନ୍ ସହିତ ଚାକିରି ସର୍ତାବଳୀ ପ୍ରଦାନ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି, ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତି ଭିତିକ ଶିକ୍ଷକ ମାନଙ୍କର ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ଅନାନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ପୋଷାକ ଓ ସାଇକେଲ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଇଲେକଟ୍ରି ବିଲ ପ୍ରଦାନ କରିବା ସହିତ ଅନ୍ୟାନ ଦାବି ଉପରେ ଆଲୋଚନା କରାଯାଇଥିଲା । ଯୋଗ୍ୟ ବିଦ୍ୟାଳୟର ଅନୁଦାନ ଏବଂ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ପେନସନ୍ ଏକ ସ୍ପର୍ଶକାତର ସମସ୍ୟା ହୋଇଥିବାରୁ ଏବଂ ପ୍ରତ୍ୟେକ ମାସରେ ଟଙ୍କାଟିଏ ଅନୁଦାନ ଓ ପେନସନ୍ ନ ପାଇ ଶିକ୍ଷକ, କର୍ମଚାରୀମାନେ ଅବସର ଗ୍ରହଣ କରୁଥିବାରୁ ଏହାକୁ ତୁରନ୍ତ ସମାଧାନ କରିବା ପାଇଁ ବୈଠକରେ ସରକାରଙ୍କୁ ଦାବି କରାଯାଇଥିଲା । ଏହି ଅବସରରେ ଡିସେମ୍ବର ୧୦ତାରିଖର ସମାବେଶରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଓଷ୍ଟା ର କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ । କନଭେନସନରେ ଓଷ୍ଟା ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ରାମାକାନ୍ତ ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ମଧୁସୂଦନ ଦେ, ଶିଶିର ଦାସ, ୬୬୨ବର୍ଗ କଲେଜର ଯୁଗ୍ମ ସମ୍ପାଦକ ଗଦାଧର ଶତପଥୀ, ଆଲୋଷ୍ଟାର ଉପସଭାପତି କିଶୋର ଚନ୍ଦ୍ର ମହାରଥା ଓ ଜିଲ୍ଲା ସଭାପତି ନବଘନ ସାହୁ, ସମ୍ପାଦକ ରମାରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରି ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଖୋର୍ଦ୍ଧା ବ୍ଲକ୍ ସମ୍ପାଦକ ଶରତ କୁମାର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ



ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ସ୍ଥିତ କୃଷି ଭବନ ଅଡିଟୋରିଅମରେ ରାଜ୍ୟ ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ମହା ସମାରୋହରେ ପାଳନ କରାଯିବା ସହିତ ପ୍ରତି ଜିଲ୍ଲାସ୍ତରରେ ମଧ ପାଳନ କରାଯାଇଛି । ଏହି ବର୍ଷର ବିଷୟବସ୍ତୁ ହେଉଛି:- ମୃତ୍ତିକା ଯତ୍ନ: ପରିମାପ, ପର୍ଯବେକ୍ଷଣ, ପରିଚାଳନା । ଏଥିରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ଓ ମୃତ୍ତିକା ସରଂକ୍ଷଣ ନିର୍ଦ୍ଦେଶକ ନିଖିଲ୍ ପଓ୍ୱନ କଲ୍ୟାଣ ପ୍ରମୁଖ ଥିଲେ । ଓଡ଼ିଶାର କୋଣ ଅନୁକୋଣରୁ ଅଭିଜ୍ଞ ଚାଷୀ, କୃଷି ବିଶେଷଜ୍ଞ,ବୈଜ୍ଞାନିକ ଓ ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ଲୋକେ ଅଧିକ ପରିମାଣର ଉତ୍ପାଦନ ଓ ଲାଭ ପାଇବା ଆଶାରେ ଅଧିକ ସାର ଓ କୀଟନାଶକ ପ୍ରୟୋଗ କରୁଛନ୍ତି । କିନ୍ତୁ ଏହା ଧୀରେ ଧୀରେ ମାଟିର ସ୍ୱାସ୍ଥ୍ୟ ଓ ଉତ୍ପାଦନ କ୍ଷମତାକୁ ହ୍ରାସ କରୁଛି ଏବଂ ଦୀର୍ଘ ସମୟ ଧରି ରାସାୟନିକ ସାର ଓ କୀଟନାଶକ ବ୍ୟବହୃତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ରୋଗ ମାଡିବସୁଛି । ତେଣୁ ଆମେ ନିଜର ଶରୀର ଓ ମୃତ୍ତିକାର ସ୍ୱାସ୍ଥ୍ୟର ଯତ୍ନ ନେବା ଆଜିର ସମୟରେ ନିହାତି ଆବଶ୍ୟକ । ଏହି ପରିପ୍ରେକ୍ଷିରେ ସେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତଙ୍କୁ ଏକ ସଫଳ ଚାଷୀ ଭାବେ ଉଦାହରଣ ଦେଇଥିଲେ । ରାସାୟନିକ ସାର ଓ କୀଟନାଶକ ବଦଳରେ ଜୈବିକ ଖତ, ସାର ଇତ୍ୟାଦି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଓୟୁଏଟି ମୃତ୍ତିକା ଓ ରସାୟନ ବିଭାଗର ବିଶିଷ୍ଟ କୃଷି ବୈଜ୍ଞାନିକ ଡ଼. ସୁବୋଧ କୁମାର ସାହୁ ଓ ଡ଼. ରବୀନ୍ଦ୍ର କୁମାର ନାୟକଙ୍କ ଦ୍ୱାରା ରଚିତ ଓଡିଶାର ମୃତ୍ତିକା ସମସ୍ୟା ଏବଂ ତାର ପରିଚାଳନା ଶୀର୍ଷକ ଏକ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ମୃତ୍ତିକା ସୁସ୍ଥତା ପାଇଁ ମାଟି ପରୀକ୍ଷା ଅନୁଯାୟୀ ସନ୍ତୁଳିତ ସାର ପ୍ରୟୋଗ ଓ ଜୈବିକ କୃଷି ଉପରେ ଗୁରୁତ୍ୱ ଆରୋପ କରିଥିଲେ । କୃଷି ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ ମୃତ୍ତିକା ସ୍ୱାସ୍ଥ୍ୟ ସମ୍ପର୍କିତ ବିବରଣୀ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଓଡିଶା ମୃତ୍ତିକାର ଅବକ୍ଷୟ ଓ ତାର ପୁନରୁଦ୍ଧାର ସମ୍ପର୍କରେ କହିଥିଲେ ।

ବିଶ୍ ମୃତ୍ତିକା ଦିବସ ଆନୁକୂଲ୍ୟରେ ହୋଇଥିବା ପୋଷ୍ଟର ପ୍ରତିଯୋଗିତାରେ ଟିକିରାଣୀ ଦାସ, ଜଗଦୀଶ ମାଝୀ, ଶୁଭଶ୍ରୀ ମୁଦୁଲୀ ଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବୈଷୟିକ ଉପସ୍ଥାପନ ବିଭାଗରେ ରାଜ ପ୍ରତୀକ ଦାସ, ସୁଲଗ୍ନା ମହାନ୍ତି, ଶୟନ୍ତିକା ଭୌମିକ, ସୃଷ୍ଟି ସୌରଭ ମିଶ୍ର ପୁରସ୍କୃତ ହୋଇଥିଲେ । ସେହିଭଳି ମୃତ୍ତିକା ସ୍ୱାସ୍ଥ୍ୟ ଉପରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ନିମନ୍ତେ ଅନୁଗୁଳର ସରତୁକା ଚନ୍ଦ୍ର ଦେହୁରୀ, ବରଗଡ଼ର ଶ୍ୟାମଘନ ପ୍ରଧାନ, ଯାଜପୁରର କିଶୋରିକାନ୍ତ ରାଉତ, ଝାରସୁଗୁଡ଼ାର ନଳିନୀ ପଟେଲ, କନ୍ଧମାଳର ବୃନ୍ଦାବନ ମଲ୍ଲିକ, ସମ୍ବଲପୁରର ସନ୍ତୋଷ ଧାରୁଆ ଓ ସୁନ୍ଦରଗଡ଼ର ଅମିତ କୁମାର ନାଏକଙ୍କୁ ଉପମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ୫ଜଣ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା । ଯୁଗ୍ମ କୃଷି ନିର୍ଦ୍ଦେଶକ ବସନ୍ତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବା ସଙ୍ଗମ ପଞ୍ଚମ ଚରଣ

# ଓଡିଶାରେ ମହାରାଷ୍ଟ୍ରର ପ୍ରତିନିଧିଙ୍କ ଏକ୍ସପୋଜର ଯାତ୍ରା ସମାପ୍ତ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ ସାଂସ୍କୃତିକ ତଥା ଶିକ୍ଷାଗତ ପ୍ରୟାସର ଏକ ଅଂଶ ଭାବରେ ୩୯ଏକ ଭାରତ ଶ୍ରେଷ୍ଠ ଭାରତ ଯୁବା ସଙ୍ଗମ୩୯ କାର୍ଯ୍ୟକ୍ରମ ଅଧୀନରେ ମହାରାଷ୍ଟ୍ରର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନରୁ ଓଡିଶାକୁ ଆସିଥିବା ୫୦ ଜଣ ଛାତ୍ରଛାତ୍ରୀଙ୍କ ଏକ ସପ୍ତାହ ବ୍ୟାପୀ ଏକ୍ସପୋଜର ଯାତ୍ରା ୫ ଡିସେମ୍ବର ୨୦୨୪ ରେ ଶେଷ ହୋଇଛି । ଓଡ଼ିଶାରେ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ଏହି କାର୍ଯ୍ୟକ୍ରମ ଆୟୋଜନ ଏବଂ ପ୍ରତିନିଧିମାନଙ୍କ ଗସ୍ତର ଦାୟିତ୍ୱ ନିର୍ବାହ କରିଥିଲା । ସେମାନଙ୍କୁ ବିଦାୟ ଦେବା ଉଦ୍ଦେଶ୍ୟରେ ୪ ଡିସେମ୍ବର ୨୦୨୪ ରେ ଏକ ଉଦଯାପନୀ ସମାରୋହ ଆୟୋଜିତ ହୋଇଥିଲା ଛ ପ୍ରତିନିଧୀଙ୍କୁ ସମ୍ବୋଧିତ କରି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ୍ କରମଲକର ଯୁବା ସଙ୍ଗମ ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି ଯେ ଏହା ମହାରାଷ୍ଟ୍ରର ଯୁବକମାନଙ୍କ ପାଇଁ ଓଡ଼ିଶାର ସଂସ୍କୃତି, ପରମ୍ପରା ଏବଂ ଓଡିଶାର ଜନସାଧାରଣଙ୍କ ବିଷୟରେ ଜ୍ଞାନ ଆହରଣ ନିମନ୍ତେ ଏକ ପ୍ଲାଟଫର୍ମ ପ୍ରଦାନ କରିଛି । ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର) ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡକ୍ଟର ରେମ୍ୟା ରେମ୍ୟା ନୀଲାନଚେରି, ସଂଯୋଜକ, ଏକ ଭାରତ ଶ୍ରେଷ୍ଠ ଭାରତ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଅବସରରେ, ଛାତ୍ରଛାତ୍ରୀମାନେ ଓଡିଶା ଯାତ୍ରା ବିଷୟରେ ସେମାନଙ୍କର ଅନୁଭୂତି ବାଣ୍ଟିଥିଲେ । ପ୍ରଫେସର କରମଲକରଙ୍କ ଦ୍ୱାରା ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଛ ଓଡ଼ିଶାରେ ସେମାନଙ୍କ ରହଣି ସମୟରେ ସେମାନେ ଓଡିଶାର ରାଜ ଭବନ ପରିଦର୍ଶନ କରି ଓଡିଶାର ମାନ୍ୟବର ରାଜ୍ୟପାଳଙ୍କ ସହ ସାକ୍ଷାତ କରିଥିଲେ ।

## ଡିସେମ୍ବର ୮, ସନ୍ଧ୍ୟା ୬.୩୦ରେ

# ଜୀ ସାର୍ଥକରେ 'ସାରେଗାମାପା' ଗ୍ରାଣ୍ଡ ଫିନାଲେ

ଭୁବନେଶ୍ୱର (ସବ୍ୟୁ): ଜୀ ସାର୍ଥକ, ଯାହା ଓଡ଼ିଶାର ଏକ ନମ୍ବର ଚ୍ୟାନେଲ ସବୁବେଳେ ନିଜ ଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖି ଭେଟିଦିଏ ନୂଆ ନୂଆ ଧାରାବାହିକ ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ । ଏହା ମଧ୍ୟରୁ ଦର୍ଶକେ ଜୀ ସାର୍ଥକରେ ପ୍ରସାରଣ ହେଉଥିବା ସଂଗୀତ ଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ 'ସାରେଗାମାପା'କୁ ଦେଇଛନ୍ତି ଅନେକ ଭଲପାଇବା ଯାହା ଏବେ ପହଞ୍ଚିଛି ଅନ୍ତିମ ପର୍ଯ୍ୟାୟରେ । ଡିସେମ୍ବର ୦୮ ତାରିଖ ସନ୍ଧ୍ୟା ୬.୩୦ରେ ପ୍ରସାରଣ ହେବ 'ସାରେଗାମାପା' ଗ୍ରାଣ୍ଡ ଫିନାଲେ । ମନୋରଞ୍ଜନରେ ଭରପୁର ଏହି ବିଶେଷ ୪ ଘଣ୍ଟାର ଗ୍ରାଣ୍ଡ ଫିନାଲେ ଏପିସୋଡରେ ଓଲିଉଡର ବହୁ କଳାକାର ଯୋଗ ଦେଉଥିବା ବେଳେ ମୁଖ୍ୟ ଆକର୍ଷଣ ସାଜିବାକୁ ଯାଉଛନ୍ତି ଓଲିଉଡ଼ ସୁପରଷ୍ଟାର ଅନୁଭବ ମହାନ୍ତି । ଏହା ସହିତ କାର୍ଯ୍ୟକ୍ରମରେ ବିଚାରକ ରହିବା ସହିତ ମନଛୁଆଁ ଗୀତ ଗାଇବେ ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଦିପ୍ତୀରେଖା ପାଢୀ, କୁଳଦୀପ ପଟ୍ଟନାୟକ ଓ କ୍ରିଷ୍ଣା ବେଉରା । ତେବେ କିଏ ହେବ ଚଳିତ ବର୍ଷ 'ସାରେଗାମାପା'ର ବିଜେତା ଜାଣିବାକୁ ଏହି ବିଶେଷ ୪ ଘଣ୍ଟାର ଗ୍ରାଣ୍ଡ ଫିନାଲେ ଏପିସୋଡରେ ନିଜକୁ ସାମିଲ କରିବା ସହିତ ଏହାକୁ ଦେଖିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ୍ ସୀଲ୍ ।

# କେୟାର ହସ୍ପିଟାଲ ପକ୍ଷରୁ କେୟାର ରିବାଉଣ୍ଡ ଆୟୋଜିତ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର କେୟାର ହସ୍ପିଟାଲ ପକ୍ଷରୁ ସିରୋନିକ୍ସ ମେଡ୍‌ଟେକ୍ ସହଯୋଗରେ ପାୟଡିଏର ଫିଜିଓଥେରାପି ଡେଭଲପ୍‌ମେଣ୍ଟ (କେୟାର ରିବାଉଣ୍ଡ) ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୫୦ଜଣ ଅଗ୍ରଣୀ ଫିଜିଓଥେରାପି ଏକତ୍ରିତ ହୋଇ ଜ୍ଞାନ ଆଦାନପ୍ରଦାନ, ସହଯୋଗ, କ୍ରୀଡାଆଘାତ, ପରିଚାଳନା ଏବଂ ପୁନର୍ବାସରେ ଦକ୍ଷତା ବୃଦ୍ଧି ପାଇଁ ଏକାଠି ହୋଇଥିଲେ । ମୁଖ୍ୟ ଅତିଥିଭାବେ ହାଇଟେକ୍ ମେଡିକାଲ କଲେଜର ଅଧକ୍ଷ ଡାକ୍ତର ଦୀପକ ସାମନ୍ତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଆଡଭାନ୍ସମେଣ୍ଟ ଇନ୍ ସ୍ପୋର୍ଶ ମେଡିସିନ୍, ପେଲ୍‌ଭିଟ୍ ଟିଲ୍‌ଟ୍ ରିହାବିଲେସନ ଏବଂ ଏସିଏଲ୍ ରିହାବିଲେସନ ଭଳି ଅତ୍ୟାଧୁନିକ ଜ୍ଞାନ ବିଷୟରେ ଆଲୋଚନା କରାଯାଇଥିଲା । ଡାକ୍ତର ସନ୍ଦିପ ସିଂ (ଏଚ୍‌ଓଡି ଅର୍ଥୋପେଡିକ୍) ଏବଂ କେୟାର ହସ୍ପିଟାଲର ଚିଫ୍ କନ୍‌ସଲଟାଣ୍ଟ ଡାକ୍ତର ଦିନେଶ ବେହେରା, ରିହାବିଲେସନ୍ ଏକ୍ସପୋର୍ଟ ଡାକ୍ତର ସୋମେନ୍ଦ୍ର ପଣ୍ଡା ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଉନ୍ନତ କ୍ରୀଡା ଫିଜିଓଥେରାପି କୌଶଳ ଉପରେ ଏକ ବ୍ୟବହାରିକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଅଭ୍ୟାସକୁ ବୁଝାଇବା ପାଇଁ ବ୍ୟବହାରିକ ଜ୍ଞାନ ଓ କୌଶଳ ପ୍ରଦାନ କରାଯାଇଥିଲା ।

# ପୁଷ୍ଟିକର ଏବଂ ଜୀବିକା ପାଇଁ ସକ୍ଷମ ୫-ଜି ଧାନ ଆଲୋଚନା ଚକ୍ର



କଟକ, (ସ୍ୱପ୍ର): ଧାନ ଗବେଷଣା ଗବେଷକ ସଂଘ ଏବଂ ନୂଆଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମିଳିତ ଆନୁକୂଲ୍ୟରେ ଗୁରୁବାର ବିଦ୍ୟାଧରପୁର ସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର ଠାରେ ତୃତୀୟ ଭାରତୀୟ ଧାନ କଂଗ୍ରେସ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଧାନ ଗବେଷଣା ଗବେଷକ ସଂଘ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କୃଷି ଉତ୍ପାଦନ ବୃଦ୍ଧି ଏବଂ ଚାଷୀ ମାନଙ୍କର ହିତ ଦୃଷ୍ଟିରୁ ୧୯୬୧ ମସିହାରୁ ଧାନ ଗବେଷଣା ଗବେଷକ ସଂଘ ସ୍ଥାପିତ ହୋଇଛି। ଭାରତୀୟ ଧାନ କଂଗ୍ରେସ ପକ୍ଷରୁ ଏହି ସମ୍ମିଳନୀରେ ପୁଷ୍ଟିକର ଏବଂ ଜୀବିକା ପାଇଁ ୫-ଜି ଧାନ ଭିତିକ କୃଷି ଖାଦ୍ୟ ପ୍ରଣାଳୀ ବିଷୟ ବସ୍ତୁକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ କୃଷି ଅନୁସନ୍ଧାନ ଏବଂ ଶିକ୍ଷା ବିଭାଗର ସଚିବ ତଥା ମହାନିର୍ଦ୍ଦେଶକ ଡଃ ହିମାଂଶୁ ପାଠକ ଆଭାସୀ ମାଧ୍ୟମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜିବୀକାର ବିକାଶ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ନେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଶ୍ୱଭାରତୀର କୁଳପତି ଡଃ ସପନ କୁମାର ଦତ୍ତ, ଧାନ ଗବେଷଣା ଗବେଷକ ସଂଘର ସଭାପତି ଡଃ ପଓ୍ୱନ କୁମାର ଅଗ୍ରଓ୍ୱାଲ ପ୍ରମୁଖ ଯୋଗଦେଇ ଧାନ ଫସଲରେ କିପରି ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ଅଧିକ ଉତ୍ପାଦନ କରାଯାଇପାରିବ ସେଦିଗରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ବୃନ୍ଦ ବିଭିନ୍ନ ସ୍ମରଣିକା ଏବଂ ଧାନ କଂଗ୍ରେସର ପୁସ୍ତିକା ଉନ୍ମୋଚିତ କରିଥିଲେ। ଧାନ ଗବେଷଣା କ୍ଷେତ୍ରରେ ସଫଳତା ହାସଲ କରିଥିବା ବୈଜ୍ଞାନିକ ତଥା ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏକ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥଲା। ଏହି ତିନିଦିନିଆ ତୃତୀୟ ଭାରତୀୟ ଧାନ କଂଗ୍ରେସରେ ଭାରତର ବିଭିନ୍ନ ସ୍ଥାନରୁ ୩ ଶହରୁ ଉର୍ଦ୍ଧ୍ୱ ବୈଜ୍ଞାନିକ ତଥା କୃଷି ବିଶେଷଜ୍ଞ ଓ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ଅମରେଶ କୁମାର ନାୟକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧାନ ଗବେଷଣା ଗବେଷକ ସଂଘର ସମ୍ପାଦକ ଡଃ ଆନି ପୁନମ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳିଗଲା ଚଳନ୍ତା କାର୍, ଅଳ୍ପକେ ବର୍ତ୍ତିଲେ ରେଜିଷ୍ଟ୍ରାର

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ପାନ୍ଥନିବାସ ପାଖରେ ଏକ ସରକାରୀ କାର୍‌ରେ ନିଆଁ ଲାଗି ଜଳିବାରୁ ଖବର ପାଇ ପାଖରେ ଥିବା ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ କର୍ମଚାରୀମାନେ ପହଞ୍ଚିଥିଲେ । ନିଆଁକୁ ଆୟତ୍ତ କରିଥିବା ବେଳେ ଗାଡିରେ ଥିବା ଲୋକଙ୍କର କୌଣସି କ୍ଷତି ହୋଇନାହିଁ ।

ସୂଚନା କମିଶନରଙ୍କ ରେଜିଷ୍ଟାର ଓ ଅନ୍ୟ ଜଣେ କର୍ମଚାରୀ ଗୁରୁବାର ପୂର୍ବାହ୍ନରେ ଏକ ପୁରୁଣା ସରକାରୀ କାର୍ ନେଇ ଯାଉଥିବା ବେଳେ ପାନ୍ଥନିବାସ ନିକଟରେ କାର୍‌ଟି ଜଳି ଉଠିଥିଲା । କେଉଁ କାରଣରୁ କାର୍‌ରେ ନିଆଁଲାଗି ଜଳିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ଅତି ପୁରୁଣା କାର୍ ହୋଇଥିବାରୁ ଏପରି ହେଲା ବୋଲି କୁହାଯାଉଛି । ଗାଡିରେ ଥିବା ରେଜିଷ୍ଟାର ଓ ତାଙ୍କ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି । କାର୍ ଜଳିବା ସମୟରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରୁଥିବା ବେଳେ ରାସ୍ତାରେ କିଛି ସମୟ ପାଇଁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ପୁରୀ(ସବ୍ୟୁ): ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଥିଲାଛଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କୃଷି ଭାରତର ଆତ୍ମା ସଦୃଶ । କୃଷି ଓ ଜୀବନ ପାଇଁ ମୃତ୍ତିକା ମୂଳ ଆଧାରଛଏହାକୁ ସୁସ୍ଥ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ । ଏଥିରେ ଅଧକ୍ଷତା କରି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ ଜୀବନ ପାଇଁ ଖାଦ୍ୟ ଆବଶ୍ୟକ ଓ ଖାଦ୍ୟ ଉତ୍ପାଦନ ପାଇଁ ମୃତ୍ତିକା ଜରୁରୀ । ବର୍ତ୍ତମାନ ମାଟି ପ୍ରଦୂଷିତ ହେଉଥିବାରୁ ଫସଲ ପ୍ରଭାବିତ ହେଉଛି । ପୁରୀ ଜିଲ୍ଲାରେ ପ୍ରାୟ ୭୦ ଭାଗ ଜମି ଏସିଡିକ ବା ଅମ୍ଳ ପ୍ରଭାବିତ । ଯାହା ଫଳରେ ତୈଳ ଓ ଡାଲି ଜାତୀୟ ଫସଲ ଭଲ ହେଉ ନାହିଁ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟ ପଶୁ ସମ୍ପଦ ଅଧିକାରୀ ଡା ଶରତ କୁମାର ବେହେରା,ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ଭୂଷଣ ରାଉତ, ରାଷ୍ଟ୍ରୀୟ କେମିକାଲ ଫର୍ଟିଲାଇଜର ବରିଷ୍ଠ ପରିଚାଳକ ଇନ୍ଦିରା ମୁଖାର୍ଜୀ, ସାକ୍ଷୀଗୋପାଳ କୃଷି ଅଧିକାରୀ ଅଜୟ କୁମାର କର,ପୁରୀ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସମସ୍ତଙ୍କୁ ସଚେତନ କରାଇ ମାଟିର ସ୍ୱାସ୍ଥ୍ୟ ସଠିକ ରଖିବା ଆଜିର ଦିବସ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେମାନେ କହିଥିଲେ । ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶେଷରେ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପକ୍ଷରୁ ଇ-ଗୁରୁକୁଳର ଶୁଭାରମ୍ଭ



ଭୁବନେଶ୍ୱର (ସବ୍ୟୁ): ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଏହାର ନବୀକରଣୀୟ ଡ଼ିଜିଟାଲ ସଡ଼କ ସୁରକ୍ଷା ଶିକ୍ଷଣ ମଞ୍ଚ ଇ-ଗୁରୁକୁଳ ଆରମ୍ଭ କରିଛି । ଏଥିରେ କେନ୍ଦ୍ର ସଡ଼କ ପରିବହନ ତଥା ରାଜପଥ ମନ୍ତ୍ରୀ ନୀତିନ ଗଡ଼କରି ଉପସ୍ଥିତ ଥିଲେ । ଭାରତରେ ସଡ଼କ ନିରାପତା ସଂସ୍କୃତି ପାଇଁ ଏହା ଏଚ୍‌ଏମଏସଆଇ ପ୍ରତିଶ୍ରୁତିବଦ୍ଧତାର ପୁନଃ ପ୍ରତିପାଦନ ଅଟେ । ଏହି ଶୁଭାରମ୍ଭ ଉତ୍ସବରେ ହୋଣ୍ଡା ପ୍ରତିଷ୍ଠାନର ବିନୟ ଧିଙ୍ଗ୍ରା, (ବରିଷ୍ଠ ନିର୍ଦ୍ଦେଶକ-ଏଚ୍‌ଆର ତଥା ପ୍ରଶାସନଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ତିନୋଟି ନିର୍ଦ୍ଦିଷ୍ଟ ବୟସ୍କ ଗୋଷ୍ଠୀଙ୍କୁ ନେଇ ଇ-ଗୁରୁକୁଳ ମଞ୍ଚ ଏହାର ପ୍ରଶିକ୍ଷଣ ମଡ୍ୟୁଲ ପ୍ରସ୍ତୁତ କରିଛି । ଇ-ଗୁରୁକୁଳର ଏହି ଶୁଭାରମ୍ଭ ଏଚ୍‌ଏମଏସଆଇର ଅଂଶବିଶେଷ ଭାବରେ ବିଭିନ୍ନ ପଦକ୍ଷେପକୁ ଆଗେଇ ନେଉଛି ଯାହା ମଧ୍ୟରେ ରହିଛି ପିଲାମାନଙ୍କୁ, ଶିକ୍ଷାନବୀସ ମାନଙ୍କୁ ତଥା ଅଧିକୃତ ବିକ୍ରେତା ମାନଙ୍କୁ ସଡ଼କ ସୁରକ୍ଷା ଅଭ୍ୟାସ ପ୍ରତି ସଶକ୍ତ କରିବା ସହିତ ସେମାନଙ୍କୁ ଏ ଦିଗରେ ଚ଼ମ୍ପିୟାନ କରାଇବା । ଏଭଳି ପଦକ୍ଷେପ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରେ ବ୍ୟାପକ ଲାଭ କରିବା ସହିତ ବିଭିନ୍ନ ବୟସ୍କ ଗୋଷ୍ଠୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ଶିକ୍ଷା ନିଜସ୍ୱ ଭାବରେ ଗଠନ କରି ଏହାକୁ ବିସ୍ତାରିତ କରିବା । ଯେକୌଣସି ବିଦ୍ୟାଳୟ ଏଭଳି ପଦକ୍ଷେପ ପାଇଁ ଆଗ୍ରହ ପ୍ରକାଶ କଲେ ଏହା କରିପାରିବେ ।

# ଭାର୍ଗବୀ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଆୟୋଜନ

ଭୁବନେଶ୍ୱର (ସବ୍ୟୁ): ପୁରୀ ଜିଲ୍ଲା ବୀରନରସିଂହପୁର ଠାରେ ଅବସ୍ଥିତ ପାର୍ଗବୀ ଉଚ୍ଚବିଦ୍ୟାଳୟର ହୀରକଜୟନ୍ତୀ ଉତ୍ସବ ଆସନ୍ତା ଜାନୁଆରୀ ମାସ ଶେଷ ସପ୍ତାହରେ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ଯୋଗ ଦେବାକୁ ଥିବା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ମିଳିବା ପରେ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯିବ । ଏହି ଉପଲକ୍ଷେ ପ୍ରକାଶିତ ହେବାକୁ ଥିବା ସ୍ମରଣୀକା ଭାର୍ଗବୀ ସୌରଭ ରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ନିଜର ଅନୁଭୂତିମୂଳକ ଲେଖା ଇଂରାଜୀ, ଓଡ଼ିଆ, ହିନ୍ଦି ବା ସଂସ୍କୃତ ଭାଷାରେ ଚଳିତମାସ ୨୫ତାରିଖ ସୁଦ୍ଧା ସ୍କୁଲର ପ୍ରଧାନଶିକ୍ଷକ/ହୀରକଜୟନ୍ତୀ ସମିତିର ସଂପାଦକ କେଦାର ମହାପାତ୍ର, ମୋବାଇନ୍ ନମ୍ବର- ୭୯୭୮୪୧୧୬୩୧ କିମ୍ବା କାର୍ଯ୍ୟକାରୀ ସଂପାଦକ ପବିତ୍ର ମୋହନ ମିଶ୍ର ମୋବାଇନ୍ ନମ୍ବର- ୯୪୩୭୨୬୯୪୦୧ଙ୍କୁ ଦେଇପାରିବେ ।

ସମସ୍ତ ପୁରାତନ ଛାତ୍ରଛାତ୍ରୀ ତଥା ଅନୁଷ୍ଠାନର ଶୁଭେଚ୍ଛୁ କର୍ମକର୍ତ୍ତାମାନେ ଏହି ଜୟନ୍ତୀ ସମାରୋହରେ ସଭ୍ୟ/ସଭ୍ୟା ଭାବେ ଅଂଶ ଗ୍ରହଣ କରିବା ସହ୍ ଆୟୋଜକଙ୍କ ସହିତ ଯୋଗାଯୋଗ ରକ୍ଷା କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି ।

# ବିଜେଇଏମ୍ ସ୍କୁଲର ୫୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଜେଷ୍ଟ-୨୦୨୪ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩ ଦିନିଆ ୫୦ତମ ବାର୍ଷିକ କ୍ରୀଡ଼ାଉତ୍ସବ ଜେଷ୍ଟ-୨୦୨୪ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଭାରତର ପ୍ରସିଦ୍ଧ ଭାର ଉତ୍ତୋଳନକାରୀ ତଥା ଅଲମ୍ପିଆନ୍ କେ. ରବି କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଜୀବନର ଅନୁଭୂତିକୁ ବର୍ଣ୍ଣନା ପୂର୍ବକ ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କ ଜୀବନରେ ଅଭିଭାବକ ଓ ଶିକ୍ଷାବିତମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ ଅଭିଭାବକମାନେ ପିଲାଙ୍କର ଆଗ୍ରହକୁ ସ୍ୱୀକୃତି ଦେବାକୁ କହିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଉପସଭାପତି ଡ. ଅଶ୍ୱିନୀ କୁମାର ତିଓ୍ୱାରୀ ଯୋଗ ଦେଇ ଅଲମ୍ପିକ୍ ପରି ଖେଳରେ କୃତିତ୍ୱ ହାସଲ ନିମନ୍ତେ ଉତ୍କୃଷ୍ଟତା, ବନ୍ଧୁତ୍ୱ ଓ ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ପରିଚାଳକ ପ୍ରତାପ କୁମାର ଜେନା ଯୋଗ ଦେଇ ଦ୍ରୋଣାଚାର୍ଯ୍ୟଙ୍କ ଉଦାହରଣ ମାଧ୍ୟମରେ ପିଲାମାନେ ମାନବିକ ମୂଲ୍ୟବୋଧ ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ଶୃଙ୍ଖଳା ଓ ମୂଲ୍ୟବୋଧକୁ ଛାଡ଼ିବା ଅନୁଚିତ୍ ବୋଲି ବକ୍ତବ୍ୟରେ କହିଥିଲେ । ବିଦ୍ୟାଳୟର ଅଧକ୍ଷା ମ୍ୟାଡାମ୍ ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରି ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ କ୍ରୀଡ଼ା ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତ ପ୍ରକାଶ କରିଥିଲେ । ବିଦ୍ୟାଳୟର ଉପାଧକ୍ଷା ଶ୍ରୀମତୀ ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




ଏଥିରେ ବିଭିନ୍ନ ହାଉସ୍‌ର ପିଲାମାନେ ପ୍ୟାରେଡ୍ ପ୍ରଦର୍ଶନ କରିବା ସହ କ୍ରୀଡ଼ାଭିନ୍ନିକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟ ପକ୍ଷରୁ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ କ୍ୟାପ୍ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ମୁଖ୍ୟଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ଉପଢୌକନ ଓ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ପ୍ୟାରେଡର ବିଚାରକ ଭାବେ ଏନ୍.ସି.ସି. ଅଫିସର ସତ୍ୟନାରାୟଣ ହୋତା ଏବଂ ଅମିୟ କୁମାର ବେହେରା ଯୋଗ ଦେଇଥିଲେ । ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଭୁବନେଶ୍ୱର ଚାପ୍ଟେର ଆନ୍ତଃ ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେରେ ରନର୍ସ ଅପ୍ ବିଦ୍ୟାଳୟ ଫୁଟ୍‌ବଲ୍ ଦଳର ଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଶ୍ରୀମତୀ ନମିତା ରାଉତ, ଶ୍ରୀମତୀ ରଞ୍ଜିତା ବଳ, ବିଦ୍ୟାଳୟର ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ, ଶ୍ରୀମତୀ ସ୍ମିତା ମହାନ୍ତି, ଶ୍ରୀମତୀ ସୁଚରିତା ଦାସ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶିଶୁ ଶ୍ରେଣୀ ଠାରୁ ଆରମ୍ଭ କରି ଦ୍ୱାଦଶ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ତିନି ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି ।

## ମସ୍କୋରେ ଭିଟିବି ରୁଷିଆ କଲିଂ ଇନଭେଷ୍ଟମେଣ୍ଟ ଫୋରମ

# ଇଣ୍ଡିଆ ଫାଷ୍ଟ ଓ ମେକ୍ ଇନ୍ ଇଣ୍ଡିଆକୁ ପୁଟିନଙ୍କ ପ୍ରଶଂସା

**ନୂଆଦିଲ୍ଲୀ(ପିଆଇବି):** '୧୫ତମ ଭିଟିବି ରୁଷିଆ କଲିଂ ଇନଭେଷ୍ଟମେଣ୍ଟ ଫୋରମ୍ ଅବସରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଇଣ୍ଡିଆ ଫାଷ୍ଟ' ନୀତି ଓ 'ମେକ୍ ଇନ୍ ଇଣ୍ଡିଆ'ପଦକ୍ଷେପକୁ ପ୍ରସଂଶା କରିଛନ୍ତି । ଏସବୁ ନୀତିଗୁଡ଼ିକ ଭାରତର ଅଭିବୃଦ୍ଧିରେ ଯୋଗଦାନ ଦେଇଛନ୍ତି ବୋଲି ଉଲ୍ଲେଖ କରି ରାଷ୍ଟ୍ରପତି ପୁଟିନ ଅଭିବୃଦ୍ଧି ପାଇଁ ଏକ ସ୍ଥିର ପରିବେଶ ସ୍ଥାପନ ପାଇଁ ଭାରତର ଉଦ୍ୟମକୁ ପ୍ରସଂଶା କରିଥିଲେ । ସେ କହିଛନ୍ତି, ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ସହ ବିଦେଶୀ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା ମେକ୍ ଇନ ଇଣ୍ଡିଆ କାର୍ଯ୍ୟକ୍ରମ ବିଶ୍ୱ ଅର୍ଥନୀତିରେ ଭାରତର ସ୍ଥାନକୁ ସୁଦୃଢ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରାଷ୍ଟ୍ରପତି ପୁଟିନଙ୍କ ଏହି ବିବୃତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ




### ଭାରତରେ ଉତ୍ପାଦନ କେନ୍ଦ୍ର ସ୍ଥାପନ ପାଇଁ ଆଗ୍ରହ
### ଭାରତ-ରୁଷ ସହଯୋଗ ଉପରେ ଗୁରୁତ୍ୱ
### ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ

ଭାରତ ହାସଲ କରିଥିବା ଆର୍ଥିକ ପ୍ରଗତିକୁ ଦର୍ଶାଉଛି । ସେ ମଧ୍ୟ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା (ଏସଏମଇ)ମାନଙ୍କ ପାଇଁ ଏକ ସ୍ଥିର ବାତାବରଣ ସୃଷ୍ଟି କରିବାରେ ଭାରତ ସରକାରଙ୍କ ଉଦ୍ୟମ, ବିଶେଷକରି ମେକ୍ ଇନ ଇଣ୍ଡିଆ ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିବା ଆର୍ଥିକ ପଦକ୍ଷେପଗୁଡ଼ିକୁ ସେ ପ୍ରସଂଶା କରିଥିଲେ ।

ରାଷ୍ଟ୍ରପତି ପୁଟିନ ରୁଷର ଆମଦାନୀ ହ୍ରାସ (ଇମ୍ପୋର୍ଟ ସବଷ୍ଟିଚ୍ୟୁସନ) କାର୍ଯ୍ୟକ୍ରମ ସହ ଭାରତର 'ମେକ୍ ଇନ ଇଣ୍ଡିଆ' କାର୍ଯ୍ୟକ୍ରମର ତୁଳନା କରି ଭାରତରେ ଉତ୍ପାଦନ କାରଖାନା ସ୍ଥାପନ ପାଇଁ ରୁଷର ଆଗ୍ରହକୁ ପ୍ରକାଶ କରିଥିଲେ । ଭାରତରେ ପୁଞ୍ଜିନିବେଶ କରିବା ଲାଭଦାୟକ ବୋଲି ସେ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ଭାରତର ନେତୃତ୍ୱ ଜାତୀୟ ସ୍ୱାର୍ଥ ଉପରେ ପ୍ରାଥମିକତା ଦେଇଆସୁଛନ୍ତି ।

ରୁଷ ରାଷ୍ଟ୍ରପତି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତରେ ମେକ୍ ଇନ ଇଣ୍ଡିଆ ନାମକ ଏକ ସମାନ ଧରଣର କାର୍ଯ୍ୟକ୍ରମ ଚଳାଉଛନ୍ତି । ଆମେ ମଧ୍ୟ ଭାରତରେ ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ପ୍ରସ୍ତୁତ ଅଛୁ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ସରକାର ଭାରତ ଉପରେ ପ୍ରାଥମିକତା ଦେଇ ଏକ ସ୍ଥିର ବାତାବରଣ ସୃଷ୍ଟି କରୁଛନ୍ତି । ଆମେ ବିଶ୍ୱାସ କରୁଛୁ ଯେ ଭାରତରେ ନିବେଶ କରିବା ବେଶ ଲାଭଜନକ । ସେ କହିଛନ୍ତି ଯେ ରୁଷୀୟ କମ୍ପାନି ରୋସନେଟ୍ ନିକଟରେ ଭାରତରେ ୨୦ ବିଲିୟନ ଡଲାର ନିବେଶ କରିଛି ।

ରାଷ୍ଟ୍ରପତି ପୁଟିନ୍ ମଧ୍ୟ ଋଷର ଆମଦାନୀ ହ୍ରାସ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଯାହା ମାଧ୍ୟମରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପସଂସ୍ଥା (ଏସଏମଇ)ଗୁଡ଼କର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ଏବଂ ବ୍ରିକ୍ସ ପ୍ଲସ ଦେଶଗୁଡ଼ିକରେ ଏସଏମଇଗୁଡିକ ପାଇଁ ସୁଚାରୁ ବ୍ୟବସାୟିକ କାରବାରକୁ ସୁଗମ କରିବା ପାଇଁ ତ୍ୱରିତ ବିବାଦ ସମାଧାନ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଉଛି ।

ସେ ମଧ୍ୟ ପାଶ୍ଚାତ୍ୟ ବ୍ରାଣ୍ଡଗୁଡ଼ିକର ବିକଳ୍ପଭାବେ ବାହାରୁଥିବା ରୁଷୀୟ ବ୍ରାଣ୍ଡଗୁଡ଼ିକ ବିଷୟରେ ଆଲୋଚପାତ କରିଥିଲେ ଏବଂ ଉପଭୋକ୍ତା ସାମଗ୍ରୀ, ଆଇଟି, ହାଇ-ଟେକ୍ ଏବଂ କୃଷି ଭଳି କ୍ଷେତ୍ରରେ ସ୍ଥାନୀୟ ରୁଷୀୟ ନିର୍ମାତାଙ୍କ ସଫଳତା କଥା ଉଲ୍ଲେଖ କରିଥିଲେ ।

ସେ କହିଥିଲେ, ଆମଦାନୀ ହ୍ରାସ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଆମ ପାଇଁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ । ନୂଆ ରୁଷୀୟ ବ୍ରାଣ୍ଡଗୁଡ଼ିକ ପାଶ୍ଚାତ୍ୟ କମ୍ପାନୀଗୁଡିକର ସ୍ଥାନ ନେଇଛି, ଯେଉଁମାନେ କି ସ୍ୱେଚ୍ଛାରେ ଆମ ବଜାରକୁ ତ୍ୟାଗ କରିଥିଲେ । ଆମର ସ୍ଥାନୀୟ ଉତ୍ପାଦକମାନେ କେବଳ ଉପଭୋକ୍ତା ସାମଗ୍ରୀ କ୍ଷେତ୍ରରେ ନୁହେଁ ବରଂ ଆଇଟି ଏବଂ ହାଇ-ଟେକ୍ ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।

## ୬୦ ବର୍ଷରେ ପ୍ରଥମ

# ୩ ମାସରେ ଭାଙ୍ଗିଲା ଫ୍ରାନ୍ସ ସରକାର



**ପ୍ୟାରୀସ:** ୬୦ ବର୍ଷରେ ପ୍ରଥମ । ମାତ୍ର ୩ ମାସ ଭିତରେ ଭାଙ୍ଗିଗଲା ଫ୍ରାନ୍ସର ମିସେଲ ବର୍ଣ୍ଣିୟର୍ଙ୍କ ସରକାର । ଅନାସ୍ଥା ଭୋଟରେ ହାରିଲେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ମସିଲେ । ତାଙ୍କ ବିରୋଧରେ ଶତାଧିକ ଭୋଟ୍ ପଡିଛି । ତେଣୁ ବର୍ତ୍ତମାନ ତାଙ୍କୁ ଇସ୍ତଫା ଦେବାକୁ ପଡିବ । ସେ ଫ୍ରାନ୍ସ ରାଷ୍ଟ୍ରପ୍ରତି ଇମାନୁଏଲ୍ ମାକ୍ରୋନଙ୍କ ନିକଟରେ ନିଜ ଇସ୍ତଫ ଦାଖଲ କରିବେ ।ଫ୍ରାନ୍ସରେ ୬୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଜାତୀୟ ସଭାର ନିମ୍ନ ଗୃହ ସରକାରଙ୍କୁ ହଟାଇବା ପାଇଁ ଏକ ପ୍ରସ୍ତାବ ପାରିତ କରି ଅନାସ୍ଥା ଭୋଟକୁ ଅନୁମୋଦନ କରିଛି । ବର୍ଣ୍ଣିୟର୍ ନେତୃତ୍ୱାଧୀନ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ ବାମପନ୍ଥୀ । ମେରିନ୍ ଲେ ପେନ୍ଙ୍କ ନେତୃତ୍ୱରେ ରାଇଟ୍ ୱିଙ୍ଗ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲା । ୫୭୭ ସଦସ୍ୟ ବିଶିଷ୍ଟ ଗୃହରେ ୩୩୧ ସାଂସଦଙ୍କ ମଧ୍ୟରୁ ଅଧିକାଂଶ ବର୍ଣ୍ଣିୟର୍ ସରକାରଙ୍କୁ ହଟାଇବାକୁ ଭୋଟ୍ ଦେଇଛନ୍ତ । ଫ୍ରାନ୍ସରେ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ହେଲେ ଏଥିରେ କୌଣସି ବି ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ପାରିନଥିଲେ । ଏହା ପରେ ବର୍ଣ୍ଣିୟର୍ ସରକାର ଗଠନ କରିବାରେ ସଫଳ ହୋଇଥିଲେ । କିନ୍ତୁ ଏବେ ତିନି ମାସ ମଧ୍ୟରେ ତାଙ୍କ ସରକାର ଭାଙ୍ଗି ଯାଇଛି । ନ୍ୟାସନାଲ ଆସେମ୍ବ୍ଲିରେ ଆସନ୍ତା ବର୍ଷ ପାଇଁ ଏକ ବ୍ୟୟବହୁଳ ବଜେଟ୍ ଉପରେ ବିବାଦ ମଧ୍ୟରେ ବାମପନ୍ଥୀମାନେ ଅନାସ୍ଥା ପ୍ରସ୍ତାବ ପାରିତ କରିଛନ୍ତି । ବାଚସ୍ପତି ୟେଲ ବ୍ରାଉନ୍ ପିଭେଟ୍ ସ୍ପଷ୍ଟ କରିଛନ୍ତି ଯେ, ମିସଲେଙ୍କୁ ନିଶ୍ଚିତ ରୂପେ ନିଜ ଇସ୍ତଫା ରାଷ୍ଟ୍ରପତି ମାକ୍ରୋନ୍ଙ୍କୁ ଦେବାକୁ ପଡ଼ିବ । ସୂଚନା ମୁତାବକ, ରାଷ୍ଟ୍ରପତି ମାକ୍ରୋନ୍ ଯଥାଶୀଘ୍ର ଏକ ନୂତନ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବାକୁ ଚାହୁଁଛନ୍ତି । ୧୯୬୨ମସିହାରେ ଚାର୍ଲ୍ସ ଡି ଗଲ୍ ରାଷ୍ଟ୍ରପତି ଥିବାବେଳେ ଜର୍ଜ ପମ୍ପିଡୋ ସରକାରଙ୍କ ପରାଜୟ ପରଠାରୁ ଏହାଥିଲା ପ୍ରଥମ ସଫଳ ଅନାସ୍ଥା ପ୍ରସ୍ତାବ । ୧୯୫୮ ମସିହାରେ ପଞ୍ଚମ ଗଣତନ୍ତ୍ର ଆରମ୍ଭ ହେବା ପରଠାରୁ ଫ୍ରାନ୍ସରେ ଚଳିତ ସରକାର ସବୁଠୁ କମ୍ ଦିନର ଶାସନରେ ଥିଲା ।

## ରାଜନୀତିରୁ ସନ୍ୟାସ ନେଲେ ଦିଲ୍ଲୀ ବିଧାନସଭା ବାଚସ୍ପତି

**ନୂଆଦିଲ୍ଲୀ:** ନିର୍ବାଚନର ଠିକ୍ ପୂର୍ବରୁ ଦିଲ୍ଲୀ ବିଧାନସଭା ବାଚସ୍ପତି ଓ ଆମ୍ ଆଦମି ପାର୍ଟିର ବରିଷ୍ଠ ବିଧାୟକ ରାମ ନିବାସ ଗୋଏଲ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି । ଏନେଇ ରାମ ନିବାସ ଗୋଏଲ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି । ଅରବିନ୍ଦ କେଜ୍ରିୱାଲଙ୍କୁ ଲେଖିଥିବା ଚିଠିରେ ରାମ ନିବାସ ଗୋଏଲ କହିଛନ୍ତି ଯେ, 'ଗତ ୧୦ ବର୍ଷ ଧରି ମୁଁ ବିଧାନସଭାର ବିଧାୟକ ତଥା ବାଚସ୍ପତି ଭାବରେ ମୋର ଦାୟିତ୍ୱକୁ ଦକ୍ଷତାର ସହ ପାଳନ କରିଛି । ତୁମେ ମୋତେ ସବୁବେଳେ ବହୁତ ସମ୍ମାନ ଦେଇଛ, ଯାହା ପାଇଁ ମୁଁ ତୁମ ପାଖରେ ସର୍ବଦା କୃତଜ୍ଞ ରହିବି । ଦଳ ଏବଂ ସମସ୍ତ ବିଧାୟକ ମଧ୍ୟ ମୋତେ ବହୁତ ସମ୍ମାନ ଦେଇଛନ୍ତି, ଏଥିପାଇଁ ମୁଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି । ମୋର ବୟସ ହେତୁ ମୁଁ ରାଜନୀତିରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛି । କିନ୍ତୁ ମୁଁ ମୋର ସମସ୍ତ ହୃଦୟ, ମନ ଏବଂ ଧନ ସହିତ ଆମ୍ ଆଦମୀ ପାର୍ଟିର ସେବା ଜାରି ରଖିବି । ଆପଣ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ମୁଁ କରିବାକୁ ଚେଷ୍ଟା କରିବି ।ସେପଟେ ଗୋଏଲଙ୍କ ଏହି ଘୋଷଣା ପରେ ଅରବିନ୍ଦ କେଜ୍ରିୱାଲ ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଆମେ ତାଙ୍କ ନିଷ୍ପତ୍ତିକୁ ସମ୍ମାନ କରୁ । ଗୋଏଲ ସାହେବ ଆମ ପରିବାରର ଅଭିଭାବକ ଥିଲେ ଏବଂ ରହିବେ । ଭବିଷ୍ୟତରେ ମଧ୍ୟ ପାର୍ଟି ତାଙ୍କ ଅଭିଜ୍ଞତା ଏବଂ ସେବାର ଆବଶ୍ୟକ ପଡିବ । କହିରଖୁ ଯେ, ରାମ ନିବାସ ଗୋଏଲ ଶାହଦରାରୁ ଆମ୍ ଆଦମୀ ପାର୍ଟି ବିଧାୟକ ଅଟନ୍ତି ।



# ଶପଥଗ୍ରହଣ ଉତ୍ସବରେ ସିନ୍ଦେଙ୍କ ବାଚାଳାମି

### ପଢ଼ିଲେ ଭାଷଣ, ରୋକିଲେ ରାଜ୍ୟପାଳ

**ମୁମ୍ବାଇ:** ମହାରାଷ୍ଟ୍ରରେ ଗୁରୁବାର ସରକାର ଗଠନ କରିଛି ମହାୟୁତି ମେଣ୍ଟ । ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ବିଜେପି ନେତା ଦେବେନ୍ଦ୍ର ଫଡ଼ନାବିସ । ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଶିବ ସେନା ନେତା ଏକନାଥ ସିନ୍ଦେ ଓ ଏନ୍ସିପି ନେତା ଅଜିତ ପାୱାର । ମୁମ୍ବାଇର ଆଜାଦ ମୈଦାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ବେଳେ ମଞ୍ଚାସୀନ ଅତିଥିଙ୍କୁ ଅକଳରେ ପକାଇ ଦେଇଥିଲେ ଏକନାଥ ସିନ୍ଦେ । ଶପଥ ନେବା ବଦଳରେ ଲିଖିତ ଭାଷଣ ଆରମ୍ଭ କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ । ତେବେ ରାଜ୍ୟପାଳ ସ୍ଥିତିକୁ ସୁଧାରି ଦେଇଥିଲେ । ଶପଥ ନେବା ପାଇଁ ଏକନାଥ ସିନ୍ଦେ ଉଦ୍ଦିଷ୍ଟ ସ୍ଥାନରେ ମାଇକ୍ରୋଫୋନ୍ ସମ୍ମୁଖରେ ଯାଇ ଠିଆ ହୋଇଥିଲେ । ତାଙ୍କୁ ଶପଥ ପାଠ କରାଇବା ପାଇଁ ରାଜ୍ୟପାଳ ସିପି ରାଧାକୃଷ୍ଣ ପ୍ରସ୍ତୁତ ହୋଇ ରହିଥିଲେ । ତେବେ ରାଜ୍ୟପାଳ ଶପଥ ପାଠ ପାଇଁ ପ୍ରାରମ୍ଭିକ ଶବ୍ଦ 'ମେଁ' (ମୁଁ) କହିଲା ପୂର୍ବରୁ ସିନ୍ଦେ ପକେଟରୁ ଏକ କାଗଜ ବାହାର କରି ତାଙ୍କ ଭାଷଣ ଆରମ୍ଭ କରି ଦେଇଥିଲେ । ସେ ବାଲ ଠାକରେ, ତାଙ୍କ ଗୁରୁ ଆନନ୍ଦ ଦିଘେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହ ପ୍ରମୁଖଙ୍କ ନାଁ ନେଇ ଆଗେଇ ଯାଉଥିବା ବେଳେ ତାଙ୍କୁ ରାଜ୍ୟପାଳ ଅଟକାଇ ଥିଲେ ଓ ପୁଣି ଥରେ ମୂଳରୁ ଶପଥ ପାଠ କରାଇଥିଲେ । ଶପଥପାଠ ପାଇଁ ଉଦ୍ଦିଷ୍ଟ ଲେଖାଠାରୁ ବାହାରେ ଯାଇ ପ୍ରାୟ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଏକନାଥ ସିନ୍ଦେ ନିଜ ଲିଖିତ ଭାଷଣ ପଢୁଥିବା ବେଳେ ମଞ୍ଚାସୀନ ଅତିଥିମାନେ ଅପ୍ରସ୍ତୁତ ହୋଇପଡ଼ିଥିଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏକନାଥ ସିନ୍ଦେଙ୍କ ଭଳି ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କଠାରୁ କେହି ଏମିତି ଆଶା କରି ନଥିଲେ । ସମସ୍ତେ କିଛି ସମୟ ପାଇଁ ଚୁପ୍ ହୋଇଯାଇଥିଲେ । ତେବେ ଠିକ୍ ସମୟରେ ରାଜ୍ୟପାଳ ହସ୍ତକ୍ଷେପ କରି ଏକନାଥ ସିନ୍ଦେଙ୍କୁ ନିୟମ ଅନୁଯାୟୀ ଶପଥପାଠ କରାଇଥିଲେ ।

ସମ୍ବିଧାନରେ ଉଲ୍ଲେଖ ନିୟମ ଅନୁଯାୟୀ, ଶପଥପାଠ ଉତ୍ସବରେ ସରକାରୀ ଭାବେ ଯାହା ଲିଖିତ ଭାବେ ଦିଆଯାଇଥାଏ, ତାକୁ ପିବାକୁ ହୁଏ । ତା'ଠାରୁ ଅଧିକ ବା ମନଇଚ୍ଛା କେହି କିଛି କହି ଶପଥ ନେଇପାରିବେ ନାହିଁ । ଏହାର ଅନେକ ଉଦାହରଣ ରହିଛି, ଯେତେବେଳେ ନେତାମାନେ ଶପଥ ନେଲା ବେଳେ ଗୋଟିଏ ଗୋଟିଏ ଶବ୍ଦ ଭୁଲ କରିଥିବା ଯୋଗୁ ଦ୍ୱିତୀୟବାର ଶପଥ ନେଇଛନ୍ତି ।



## ଆଇଏସ୍-ଅଲ୍ କାଏଦା ଶିବିରରେ ଉଇଗର୍

**ବେଜିଂ:** ସିରିଆର କିଛି ଫଟୋ ଚୀନ୍ ଗୁପ୍ତଚର ସଂସ୍ଥାକୁ ଏକ ବଡ଼ ଝଟକା ଦେଇଛିଛ ଏହି ଫଟୋଗୁଡ଼ିକରେ ଚୀନର ଉଇଗର୍ ମୁସଲମାନମାନେ ଆଇଏସଆଇଏସ ଏବଂ ଅନ୍ୟ ଆତଙ୍କବାଦୀ ସଂଗଠନର ଆତଙ୍କବାଦୀଙ୍କ ସହ ଠିଆ ହୋଇଥିବା ଦେଖିବାକୁ ମିଳୁଛି । ଚୀନର ଗୁପ୍ତଚର ସଂସ୍ଥା ସୂଚନା ପାଇଛି ଯେ, ଚୀନର ଉଇଗର୍ ମୁସଲମାନମାନଙ୍କୁ ଆତଙ୍କବାଦ ତାଲିମ ଦିଆଯାଉଛି ଏବଂ ସିରିଆରୁ ଆସିଥିବା ଫଟୋରେ ଚୀନ୍ ମୁସଲମାନମାନେ ଆତଙ୍କବାଦୀ ସଂଗଠନ ଇସଲାମିକ୍ ଷ୍ଟେଟ୍, ଅଲ କାଏଦା ଏବଂ ଅନ୍ୟାନ୍ୟ ଆତଙ୍କବାଦୀ ସଂଗଠନର ଆତଙ୍କବାଦୀଙ୍କ ସହ ଠିଆ ହୋଇଛନ୍ତ । ସୂଚନାଯୋଗ୍ୟ, ଚୀନର ଉଇଗର୍ ମୁସଲମାନମାନଙ୍କ ପ୍ରତି ଅତ୍ୟାଚାରର ଖବର ସର୍ବଦା ରହିଆସିଛି । ମିଳିତ ଜାତିସଂଘ ମାନବ ଅଧିକାର ଆୟୋଗ ମଧ୍ୟ ଏନେଇ ଚୀନକୁ ଅନେକ ଥର ଚେତାବନୀ ଦେଇଛନ୍ତି । ଚୀନ୍ ସରକାର ଏହି ଚେତାବନୀକୁ ଅଣଦେଖା କରୁଛନ୍ତି । ତେବେ ବର୍ତ୍ତମାନ ଯେଉଁ ଫଟୋଗୁଡ଼ିକ ବାହାରିଛି ତାହା ଚୀନ୍ ନିଦ ହଜାଇ ଦେଇଛି । ଏହା ସହିତ ପାକିସ୍ତାନର ପର୍ଦ୍ଦାଫାଶ୍ କରିଛି । ପାକିସ୍ତାନ ସମର୍ଥକ ଆତଙ୍କବାଦୀ ସଂଗଠନ ଉଇଗର୍ ମୁସଲମାନମାନଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପର ତାଲିମ ଦେଉଛି ବୋଲି କୁହାଯାଉଛି । ୧୪ ଜୁଲାଇ ୨୦୨୧ରେ, ପାକିସ୍ତାନର ଦାସୁ ଡ୍ୟାମରେ କାମ କରୁଥିବା ଚୀନର ଇଞ୍ଜିନିୟରମାନଙ୍କ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଯାହା ପାକିସ୍ତାନୀ ଗୁପ୍ତଚର ଏବଂ ସୁରକ୍ଷା ଏଜେନ୍ସି ସହଯୋଗରେ ଚୀନ୍ ଦ୍ୱାରା ଅନୁସନ୍ଧାନ କରାଯାଇଥିଲା । ଉଇଗର୍ ମୁସଲମାନମାନେ ଏହି ଆକ୍ରମଣରେ ଜଡିତ ଥିବା ଜଣାପଡିଥିଲା । ତେବେ ପାକିସ୍ତାନ ଚୀନର ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲା ଏବଂ ଏହି ଘଟଣା ପାଇଁ ପିଟିଇ ଏବଂ ଅନ୍ୟ ଦେଶକୁ ଟାର୍ଗେଟ କରିଥିଲା । ଏହାକୁ ଚୀନ୍ ମଧ୍ୟ ସମ୍ପୂର୍ଣ୍ଣ ସମର୍ଥନ କରିଥିଲା । ୨୦୦୬ରେ ଆମେରିକା ସେନା ଆଫଗାନିସ୍ତାନ ଏବଂ ପାକିସ୍ଥାନର ଯୁଦ୍ଧ ଅଞ୍ଚଳରୁ ୨୨ ଜଣ ଉଇଗର୍ ମୁସଲମାନଙ୍କୁ ଅଲ୍-କାଏଦା ସହ ଜଡିତ ଥିବା ସୂଚନାରେ ଗିରଫ କରିଥିଲା ।

## ପୁଷ୍ପା-୨ ପ୍ରିମିୟର୍ ବେଳେ ଦଳାଚକଟା, ଜଣେ ମୃତ




**ହାଇଦ୍ରାବାଦ:** ଗତକାଲି ରାତିରେ ପୁଷ୍ପା-୨ ପ୍ରିମିୟର୍ ଶୋ' ହୋଇଥିଲା ଏଥିରେ ପୁଷ୍ପା ଅର୍ଥାତ ଅଲ୍ଲୁ ଅର୍ଜୁନ୍ ଓ ରଶ୍ମିକା ମନ୍ଦନା ସାମିଲ ହୋଇଥିଲେ । ତାଙ୍କୁ ଦେଖିବାକୁ ଏଠାରେ ବହୁ ସଂଖ୍ୟାର ପ୍ରଶଂସକ ଭିଡ଼ ଜମିଥିଲା । ଅଭିନେତାଙ୍କ ଗୋଟିଏ ଝଲକ ପାଇବା ପାଇଁ ଲୋକଙ୍କ ମଧ୍ୟରେ ଦଳାଚକଟା ପରିସ୍ଥିତି ଉପୁଜିଥିଲା । ଗତକାଲି ସନ୍ଧ୍ୟାରେ ଟିସି କ୍ରସ୍ ରୋଡରେ ଥିବା ଥିଏଟର୍ ବାହାରେ ଧସ୍ତାଧସ୍ତି ପରିସ୍ଥିତି ବି ଉପୁଜିଥିଲା । ତେବେ ଏଥିରେ ଜଣେ ୩୯ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି । ଭିଡକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲାଠି ଚାର୍ଜ ମଧ୍ୟ କରିଥିଲା ।ସେହିପରି ଦଳାଚକଟାରେ ଅନେକ ଆହତ ମଧ୍ୟ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଛୋଟ ପିଲା ମଧ୍ୟ ଅଛନ୍ତି । ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତ ମହିଳା ଜଣକ ହାଇଦ୍ରାବାଦ ଦିଲସୁଖନଗରର ରେବତୀ ବୋଲି ଜଣାପଡିଛି ।ସୂଚନା ମୁତାବକ, ପୁଷ୍ପା-୨ ପ୍ରିମିୟର ଶୋ' ଦେଖିବା ପାଇଁ ରେବତୀ ତାଙ୍କ ସ୍ୱାମୀ ଭାସ୍କର ଓ ଦୁଇ ପିଲାଙ୍କୁ ନେଇ ଆସିଥିଲେ । ଏହି ସମୟରେ ଥିଏଟର ବାହାରେ ପ୍ରବଳ ଭିଡ ଜମିଥିଲା । ଲୋକେ ଫିଲ୍ମ ହଲର ଗେଟ୍ ଭାଙ୍ଗି ଦେଇଥିଲେ । ପ୍ରବଳ ଉତ୍ତେଜନା ଭିତରେ ରେବତୀ ଓ ତାଙ୍କ ପୁଅ ଚେତାଶୂନ୍ୟ ହୋଇପଡିଥିଲେ । ଏହାପରେ ଉଭୟଙ୍କୁ ଚିକିତ୍ସା ପାଇଁ ଦୁର୍ଗା ବାଇ ଦେଶମୁଖ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ରେବତୀଙ୍କୁ ମୃତ ଘୋଷଣା କରିଛନ୍ତି। । ସେପଟେ ଘଟଣାକୁ ନେଇ ତଦନ୍ତ ଜାରି ରହିଛି ।

## ଦିଲ୍ଲୀରେ ଟ୍ରିପଲ ମର୍ଡର

# ଧରାପଡିଲା ନାଟକବାଜି, ବନ୍ଧା ହେଲା ପୁଅ

**ନୂଆଦିଲ୍ଲୀ:** ' ବାପା-ମା'ଙ୍କ ବିବାହ ବାର୍ଷିକୀ ଥିଲା । ମୁଁ ସକାଳୁ ସକାଳୁ ଉଠି ସେମାନଙ୍କୁ ଅଭିନନ୍ଦନ ଜଣାଇ ମର୍ଣ୍ଣିଂ ୱାକରେ ଚାଲି ଯାଇଥିଲି । ଫେରିଲା ପରେ ଦେଖିଲି ଘରେ ପଡ଼ିଥିଲା ବାପା,ମାଆ ଓ ବଡ଼ ଭଉଣୀଙ୍କ ରକ୍ତାକ୍ତ ମୃତଦେହ ।' ଗତକାଲି ଏମିତି ଗପ ଶୁଣାଇଥିବା ଜଣେ କଲେଜ ଛାତ୍ରଙ୍କୁ ଗିରଫ କରିଛି ଦିଲ୍ଲୀ ପୁଲିସ । କାରଣ ଆଉ କେହି ନୁହେଁ, ସେ ନିଜେ ତାଙ୍କ ବାପା, ମାଆ ଓ ବଡ଼ ଭଉଣୀଙ୍କୁ ହତ୍ୟା କରିଥିଲେ ।ଅଭିଯୁକ୍ତଙ୍କ ନାଁ ଅର୍ଜୁନ କୁମାର (୨୦) । ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ କଲେଜରେ ସ୍ନାତକ କରୁଛନ୍ତି ।ସେ ଜଣେ ରାଜ୍ୟ ସ୍ତରୀୟ ବକ୍ସର ମଧ୍ୟ । ତାଙ୍କ ବାପାଙ୍କ ନାଁ ରାଜେଶ କୁମାର (୫୧) । ସେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ଥିଲେ । ତାଙ୍କ ମା'ଙ୍କ ନାଁ କୋମଲ (୪୬) ଓ ବଡ଼ ଭଉଣୀଙ୍କ ନାଁ କବିତା (୨୩) । ଅଭିଯୁକ୍ତ ଅର୍ଜୁନଙ୍କ ପରିବାର ଦକ୍ଷିଣ ଦିଲ୍ଲୀର ନେବ ସରାୟ ଅଞ୍ଚଳରେ ରହୁଥିଲେ । ପୁଲିସର ସୂଚନା ଅନୁଯାୟୀ, ଅର୍ଜୁନ ମନ ଦେଇ ପାଠ ପଢୁ ନଥିବା ଯୋଗୁ ତାଙ୍କ ବାପା ତାଙ୍କୁ ସବୁବେଳେ ଗାଳି କରୁଥିଲେ । ନିକଟରେ ତାଙ୍କ ବାପା ତାଙ୍କୁ ପାଖପଡ଼ୋଶୀଙ୍କ ସମ୍ମୁଖରେ ବହୁତ ଗାଳି କରିଥିଲେ । ଏମିତିକି ମାଡ଼ ମଧ୍ୟ ମାରି ଥିଲେ ।ଏହାକୁ ନେଇ ଅର୍ଜୁନ ଖୁବ୍ ରାଗି ଯାଇଥିଲେ । ଅନ୍ୟମାନଙ୍କ ସମ୍ମୁଖରେ ବାପା ତାଙ୍କୁ ଗାଳି କରିବା ସହିତ ମାଡ଼ ମାରିଥିବାରୁ ସେ ଏହାର ପ୍ରତିଶୋଧ ନେବା ପାଇଁ ଯୋଜନା କରିଥିଲେ । ବାପାଙ୍କ ସହିତ ସେ ତାଙ୍କ ମା' ଓ ବଡ଼ ଭଉଣୀଙ୍କୁ ମାରିବା ପାଇଁ ଯୋଜନା କରିଥିଲେ । କାରଣ ତାଙ୍କ ମା' ଓ ଭଉଣୀ ମଧ୍ୟ ତାଙ୍କୁ ସହଯୋଗ କରୁ ନଥିବା ସେ ଭାବୁ ଥିଲେ । ତାଙ୍କୁ ପରିବାରରେ ସମସ୍ତେ ଅବହେଳା କରୁଥିଲେ ବୋଲି ସେ ମନେ କରୁଥିଲେ । ସେହିପରି ତାଙ୍କ ବାପା ତାଙ୍କର ସମସ୍ତ ସମ୍ପତ୍ତି ଝିଅ କବିତା ନାଁରେ କରି ଦେବେ ବୋଲି କାହାକୁ କହିଥିବା ଅର୍ଜୁନ ଶୁଣିଥିଲେ । ତେଣୁ ସେହି ରାଗ ମଧ୍ୟ ତାଙ୍କ ମନରେ ଥିଲା । ତେଣୁ ସେ ପୂରା ଯୋଜନାବଦ୍ଧ ଭାବେ ତାଙ୍କ ବାପା,ମାଆ ଓ ବଡ଼ ଭଉଣୀଙ୍କୁ ହତ୍ୟା କରିଛନ୍ତି । ପଚରାଉଚରା ବେଳେ ଅର୍ଜୁନ ଦୋଷ ସ୍ୱୀକାର କରିବା ସହିତ ହତ୍ୟା ପଛର କାରଣ ସଂପର୍କରେ ଏସବୁ କଥା କହିଥିବା ପୁଲିସ ସୂଚନା ଦେଇଛି ।



## କିଟ୍‌ରେ ଦ୍ୱିପାକ୍ଷିକ କ୍ରିକେଟ୍ ଶୃଙ୍ଖଳା ବାଜି ମାରିଲା ଭାରତୀୟ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୫।୧୨ (ସବ୍ୟୁ): କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆସୋସିଏସନ୍ ଅଫ୍ ୟୁନିଭରସିଟି ଆନୁକୂଲ୍ୟରେ ଦ୍ୱିପାକ୍ଷିକ କ୍ରିକେଟ୍ ଶୃଙ୍ଖଳା ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ଏବଂ ଅଷ୍ଟ୍ରେଲୀୟ ବିଶ୍ୱବିଦ୍ୟାଳୟ ଦଳ ମଧ୍ୟରେ ୩ଟି ଟି-୨୦ ଓ ଗୋଟିଏ ଦିନିକିଆ ମ୍ୟାଚ ଖେଳାଯାଇଥିଲା । ଏଥିରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ଟି-୨୦ରେ ଅଷ୍ଟ୍ରେଲିଆ ଦଳକୁ ୨-୧ ବ୍ୟବଧାନରେ ହରାଇଥିବା ବେଳେ ଏକମାତ୍ର ଦିନିକିଆରେ ମଧ୍ୟ ଭାରତୀୟ ଦଳ ୧୧୩ ରନ୍ ବ୍ୟବଧାନରେ ଅଷ୍ଟ୍ରେଲିଆକୁ ମାତ ଦେଇଛି । ଗୁରୁବାର ଅନୁଷ୍ଠିତ ଏକମାତ୍ର ଦିନିକିଆ ମ୍ୟାଚରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ୪୪.୩ ଓଭରରେ ୨୯୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ପ୍ରଞ୍ଜଲ ସାଇନୀ ୫୭, ଦୀପିନ ଚିଟକାରା ୫୧, ପାର୍ଥ ସାରଥୀ ନାୟକ ୪୪ ରନ୍ କରିଥିଲେ । ଜବାବରେ ଅଷ୍ଟ୍ରେଲିଆ ଦଳ ୪୨.୧ ଓଭରରେ ୧୮୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜ୍ୟାକସନ କେଣ୍ଟ ସର୍ବାଧିକ ୩୧ ରନ୍ ଓ ଟମ୍ କୋନୋଲି ୩୦ ରନ୍ କରିଥିଲେ । ଦିପିନ ଚିଟକାରାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ କରାଯାଇଥିଲା । ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ଓଡ଼ିଶାର ୩ ଜଣ ସ୍ଥାନ ପାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ବଲଜିତ ସିଂ ଶେଖନ (ଯୁଗ୍ମ ସଚିବ), ଡେଭିଡ ଆଷ୍ଟନ, (ଅଷ୍ଟ୍ରେଲିଆର ପରିଚାଳନା କମିଟି ସଦସ୍ୟ), ପ୍ରଫେସର ଶରଣଜିତ ସିଂ (ଉପକୁଳପତି), ଜ୍ଞାନରଞ୍ଜନ ମହାନ୍ତି (ରେଜିଷ୍ଟ୍ରାର), ଗଗନେନ୍ଦୁ ଦାସ (କ୍ରୀଡା ମହାନିର୍ଦ୍ଦେଶକ), ନୂର ମହମ୍ମଦ (ଜାମିଆ ମିଲିଆ ଇସ୍ଲାମିଆଁ ବିଶ୍ୱବିଦ୍ୟାଳୟ) ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳର ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ଐତିହାସିକ ଶୃଙ୍ଖଳା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

### କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ

## ବି ବର୍ଗରେ ଅଭିରୂପ ବିଜେତା



ଭୁବନେଶ୍ୱର,୫।୧୨ (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୧୫ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲର ବି ବର୍ଗ ମୁକାବିଲା ଶେଷ ହୋଇଛି । ଆସାମର ଅଭିରୂପ ସାଇକିଆ ଚାମ୍ପିଅନ୍ ହୋଇଛନ୍ତି । ତାଙ୍କୁ ବିଜେତା ଟ୍ରଫି ସହ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶାର ଜଗଦିଶ ବାରିକ ଉପବିଜେତା ହୋଇଥିବା ବେଳେ ରନରଅପ୍ ଟ୍ରଫି ସହ ୭୫ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବିହାରର ପିୟୂଷ କୁମାରଙ୍କୁ ଟ୍ରଫି ସହ ୬୦,୦୦୦ ଟଙ୍କା ପୁରସ୍କାର କରାଯାଇଛି । ଓଡ଼ିଶାର ଶ୍ରେଷ୍ଠ ୧୦ ଖେଳାଳିଙ୍କ ମଧ୍ୟରେ କିସ୍‌ର ବାବୁଲା ଭୋଇ ପ୍ରଥମ ସ୍ଥାନରେ ରହିଛନ୍ତି । ବିନିତ ନାୟକ ଦ୍ୱିତୀୟ ସ୍ଥାନ ଓ ରାଜେଶ କୁମାର ନାୟକ ତୃତୀୟ ସ୍ଥାନରେ ରହିଛନ୍ତି । ଏହି ବର୍ଗରେ ୨୬୮ ପ୍ରତିଯୋଗୀ ୫ଟି ଦେଶରେ ଅଂଶଗ୍ରହଣ କରିଥିଲେ । ବି ବର୍ଗରେ ମୋଟ୍ ୧୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି । ଏହି ପ୍ରତିଯୋଗିତାରେ କିସ୍‌ରୁ ୪୮ ଜଣ ଅଂଶଗ୍ରହଣ କରିଥିବା ବେଳେ ୧୭ ଜଣ ପ୍ରତିଯୋଗୀ ମୋଟ୍ ୧,୦୩୩୦୦ ଟଙ୍କା ପୁରସ୍କାର ପାଇଛନ୍ତି ।

# ଆଜିଠୁ ଭାରତ-ଅଷ୍ଟ୍ରେଲିଆ ଦିବାରାତ୍ର ଟେଷ୍ଟ

### ସ୍ପିନରଙ୍କୁ ସୁହାଇବ ପିଚ୍



ଆଡିଲେଡ,୫।୧୨ (ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ତଥା ଦିବାରାତ୍ର ମ୍ୟାଚ ଶୁକ୍ରବାର ଠାରୁ ଆଡିଲେଡରେ ଆରମ୍ଭ ହେବାକୁଯାଉଛି । ଏହି ଦିବା ରାତ୍ର ଟେଷ୍ଟର ପ୍ରଥମ ଦିନରେ ବର୍ଷା ସମ୍ଭାବନା ରହିଛି । ତେବେ ପିଚର ବ୍ୟବହାର କିଭଳି ରହିବ କ୍ୟୁରେଟର ଡେମିଅନ୍ ହାଫ୍ ଖୁଲାସା କରିଛନ୍ତି । ତାଙ୍କ କହିବା ଅନୁଯାୟୀ ପିଚ୍‌ରେ ଘାସ ରହିବ ଏହା ଉଭୟ ଦ୍ରୁତ ଓ ସ୍ପିନ ବୋଲରଙ୍କୁ ସୁହାଇବ । ମେଘୁଆ ପାଗ ରହିଲେ ବଲ ଭଲ ସୁଇଂ କରିବ । ପ୍ରଥମ ଦିନରେ ୮୦% ବର୍ଷା ହେବାର ସମ୍ଭାବନା ଅଛି । ତେବେ ପିଚ୍ ସମ୍ପୂର୍ଣ୍ଣ ୫ ଦିନ ଖେଳିବା ଉପଯୋଗୀ ରହିବ ବୋଲି କ୍ୟୁରେଟର କହିଛନ୍ତି । ଭାରତୀୟ ସମୟ ସକାଳ ୯.୩୦ରେ ଏହି ଦିବାରାତ୍ର ଟେଷ୍ଟ ଆରମ୍ଭ ହେବ ।

୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମୁକାବିଲାରେ ଭାରତ ପର୍ଥରେ ବିଜୟୀ ହୋଇ ୧-୦ରେ ଆଗୁଆ ରହିଛି । ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଆଉ ଦୁଇଟି ମ୍ୟାଚ ଜିତିବାକୁ ପଡିବ । ନିୟମିତ ଅଧିନାୟକ ରୋହିତ ଶର୍ମା ଏବଂ କୋଚ ଗୌତମ ଗମ୍ଭୀର ଦଳ ସହିତ ଯୋଗ ଦେଇଛନ୍ତି । ଶୃଙ୍ଖଳାର ବାକି ୩ଟି ମ୍ୟାଚ ଯଥାକ୍ରମେ ବ୍ରିସବେନ୍‌ରେ ଡିସେମ୍ବର ୧୪ରୁ ୧୮, ମେଲବୋର୍ଣ୍ଣରେ ଡିସେମ୍ବର ୨୬ରୁ ୩୦ (ବକ୍ସିଂ ଡେ ଟେଷ୍ଟ) ଏବଂ ସିଡନୀରେ ଜାନୁଆରୀ ୩ରୁ ୭ ତାରିଖ ପର୍ଯ୍ୟନ୍ତ ପଞ୍ଚମ ତଥା ନିର୍ଣ୍ଣାୟକ ମ୍ୟାଚ ଖେଳାଯିବ ।

### ରାହୁଲ, ଯଶସ୍ୱୀ ଇନିଂସ ଓପନ କରିବେ

ଦ୍ୱିତୀୟ ଟେଷ୍ଟ ପାଇଁ ଦଳକୁ ନିୟମିତ ଅଧିନାୟକ ରୋହିତ ଶର୍ମା ଫେରିବା ପରେ ଇନିଂସ ଓପନ କିଏ କରିବ ଏସବୁ ଚର୍ଚ୍ଚାରେ ନିଜେ ଅଧିନାୟକ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ରୋହିତ ସୂଚନା ଦେଇଛନ୍ତି ଲୋକେଶ, ରାହୁଲ ଓ ଯଶସ୍ୱୀ ଜୟଶ୍ୱାଲ ଇନିଂସ ଓପନ କରିବେ । ସେ ମଧ୍ୟମକ୍ରମରେ ବ୍ୟାଟିଂ କରିବାକୁ ଆସିବେ । ଏହା ତାଙ୍କ ପାଇଁ ସହଜ ହେବ ନାହିଁ କିନ୍ତୁ ଦଳ ପାଇଁ ଭଲ ହେବ । ପ୍ରଥମ ଟେଷ୍ଟରେ ରାହୁଲ ଭଲ ଖେଳିଥିଲେ । ମୁଁ ଅନୁଭବ କରୁଛି ଯେ, ବର୍ତ୍ତମାନ କୌଣସି ପରିବର୍ତ୍ତନ ଆବଶ୍ୟକତା ନାହିଁ । ଭବିଷ୍ୟତର କଥା ଅଲଗା ହୋଇପାରେ । ଆମେ ଫଳାଫଳ ଚାହୁଁଛୁ, ସଫଳତା ଚାହୁଁଛୁ, ତେଣୁ ଦିବା ରାତ୍ର ଟେଷ୍ଟରେ ରାହୁଲଙ୍କ ସହ ଯଶସ୍ୱୀ ହିଁ ପାଳି ଆରମ୍ଭ କରିବେ । ଗତ ମ୍ୟାଚରେ ରାହୁଲ ଯେମିତି ଖେଳିଛନ୍ତି । ବର୍ତ୍ତମାନ ସେ ସେହି ସ୍ଥାନରେ ଖେଳିବାକୁ ହକଦାର । ଉଭୟଙ୍କ ମଧ୍ୟରେ ବଡ଼ ପାର୍ଟନରସିପ୍ ହୋଇଥିଲା । ଯାହା ଆମକୁ ମ୍ୟାଚ ଜିତାଇବାରେ ସହାୟକ ହୋଇଥିଲା । ତେଣୁ ମୁଁ ଭାବୁ ନାହିଁ ଯେ, ଓପନରେ କୌଣସି ପରିବର୍ତ୍ତନର ଆବଶ୍ୟକତା ରହିଛି ।

### ଅଷ୍ଟ୍ରେଲିଆ ଦଳରେ ଗୋଟିଏ ପରିବର୍ତ୍ତନ

ଆଡିଲେଡ ଦିବା ରାତ୍ର ଟେଷ୍ଟରେ ଅଷ୍ଟ୍ରେଲିଆ ଚୂଡାନ୍ତ ଏକାଦଶରେ ଗୋଟିଏ ପରିବର୍ତ୍ତନ ରହିଛି । ଜୋଶ ହାଜଲେଉଡ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇନାହାନ୍ତି । ତାଙ୍କ ବଦଳରେ ଦଳରେ ଦ୍ରୁତ ବୋଲର ସ୍କଟ ବୋଲାଣ୍ଡଙ୍କୁ ସାମିଲ କରାଯାଇଛି । ସ୍କଟ ବୋଲାଣ୍ଡ ୧୮ ମାସ ପରେ ଅଷ୍ଟ୍ରେଲିଆ ପକ୍ଷରୁ ଟେଷ୍ଟ ମ୍ୟାଚ ଖେଳିବାକୁ ଯାଉଛନ୍ତି । ଶେଷଥର ପାଇଁ ୨୦୨୩ରେ ଇଂଲଣ୍ଡ ବିପକ୍ଷରେ ସମ୍ମାନଜନକ ଆସେସ୍ ଶୃଙ୍ଖଳା ଖେଳିଥିଲେ । ୩୫ ବର୍ଷୀୟ ବୋଲାଣ୍ଡ ପର୍ଥ ଟେଷ୍ଟ ଖେଳିନଥିଲେ । ପ୍ରଥମ ଟେଷ୍ଟରେ ଜୋଶ ହାଜଲେଉଡ ଆହତ ହୋଇଥିଲେ । ତେଣୁ ଅଧିନାୟକ ପାର୍ଟ କୁମିନ୍ସ ଦଳରେ ବୋଲାଣ୍ଡଙ୍କୁ ସାମିଲ କରାଯିବା ନେଇ ସୂଚନା ଦେଇଛନ୍ତି । ପର୍ଥ ଟେଷ୍ଟ ବେଳେ ପିଠି ମାଂସପେଶୀରେ ସମସ୍ୟା ଦେଖାଦେଇଥିଲେ ମଧ୍ୟ ମିଚେଲ ମାର୍ସ ଦ୍ୱିତୀୟ ଟେଷ୍ଟ ଖେଳିବେ । ସେ ବୋଲିଂ କରିବାକୁ ଫିଟ୍ ଅଛନ୍ତି ବୋଲି ଅଧିନାୟକ କୁମିନ୍ସ କହିଛନ୍ତି । ଭାରତୀୟ ବିପକ୍ଷ ଆଡିଲେଡ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳରେ ଉସ୍ମାନ ଖ୍ୱାଜା, ନାଥନ ମ୍ୟାକସୁଇନି ମାର୍ନୁସ ଲାବୁସେନ, ଷ୍ଟିଭେନ୍ସ ସ୍ମିଥ, ଟ୍ରେଭିସ୍ ହେଡ, ମିଚେଲ ମାର୍ସ, ଆଲେକ୍ସ କାରେ, ପାର୍ଟ କୁମିନ୍ସ, ମିଚେଲ ଷ୍ଟାର୍କ, ନାଥନ ଲିଅନ୍ ଓ ସ୍କଟ ବୋଲାଣ୍ଡ ଆଛନ୍ତି । ପର୍ଥ ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ଶୋଚନୀୟ ଭାବେ ହାରି ଥିଲା । ଏହି ମ୍ୟାଚରେ ଟିମ୍ ଇଣ୍ଡିଆ ୨୯୫ ରନ୍ ବ୍ୟବଧାନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା ।

### ଉତ୍କଳ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ ମିଟ୍

## କୃଷ୍ଣପ୍ରିୟା, ଶୁଭଶ୍ରୀଙ୍କ ସଫଳତା



ଭୁବନେଶ୍ୱର,୫।୧୨ (ସବ୍ୟୁ): ୭୩ତମ ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ୍ ଆଥଲେଟିକ୍ ମିଟ୍‌ରେ ଏକାମ୍ର କଲେଜ୍‌ର ଦୁଇ ଛାତ୍ରୀ ଦୌଡ଼କୁଦରେ ପଦକ ସଫଳତା ହାସଲ କରିଛନ୍ତି । ଧାବିକା କୃଷ୍ଣପ୍ରିୟ ବରିସଲ୍ୟା ଓ ଶୁଭଶ୍ରୀ ପରିଡା ୫ଟି ପଦକ ଜିତି ଏକାମ୍ର କଲେଜ ପାଇଁ ଗୌରବ ଆଣିଛନ୍ତି । ଦୁହେଁ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଅଡସପୁରର ୟୁଏନ୍ କଲେଜରେ ଅନୁଷ୍ଠିତ ହୋଇଛି ।

କୃଷ୍ଣପ୍ରିୟା ୧୦୦ ଓ ୨୦୦ ମିଟର ବର୍ଗରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଶୁଭଶ୍ରୀ ପରିଡା ବାଳିକା ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୧୦୦ ଓ ୨୦୦ ମିଟରରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ଏକାମ୍ର କଲେଜ ଦଳ କ୍ରିକେଟ୍ କୋଚ୍ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରିଥିଲା ।

## ୬୮ତମ ସ୍କୁଲ ଗେମ୍ସ ହ୍ୟାଣ୍ଡବଲ: ଭାଗନେବେ ଓଡ଼ିଆ ପୁଅ ସୁପ୍ରଜିତ୍ ଆର୍ଯ୍ୟନ୍ ଆଦର୍ଶ, ଗୌରୀଶଙ୍କର କୋଚ୍

ଭୁବନେଶ୍ୱର,୫।୧୨ (ସବ୍ୟୁ): ହ୍ୟାଣ୍ଡବଲ କ୍ରୀଡାରେ ଆଉ ଜଣେ ବିନ୍ଧାଣୀ ରାଜ୍ୟର ଟେକ ରଖିବାକୁ ଯାଉଛନ୍ତି । ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ୍ ବ୍ରାହ୍ମିନ୍‌ଙ୍କୁ ନିଜର ଆଦର୍ଶ ତଥା କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ଠାରୁ ପ୍ରଶିକ୍ଷଣ ନେଇ ହ୍ୟାଣ୍ଡବଲରେ ସଫଳ ହୋଇପାରିଛନ୍ତି ସେ । କଳିଙ୍ଗ ହାଇୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର ସୁପ୍ରଜିତ୍ ବେହେରା ୬୮ତମ ସ୍କୁଲ ଗେମ୍ସ ହ୍ୟାଣ୍ଡବଲ(୧୯ ବର୍ଷରୁ କମ୍)ରେ ରାଜ୍ୟର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ପଞ୍ଜାବର ଲୁଧିଆନାରେ ଚଳିତ ମାସ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତଜ ହେବାକୁ ଯାଉଛି । ଏଥିରେ ଭାଗ ନେବେ ସୁପ୍ରଜିତ୍ । ବାଣୀବିହାରରେ ରହୁଥିବା ସୁପ୍ରଜିତ୍ ପ୍ରତ୍ୟେକ ଦିନ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କ ଠାରୁ ହ୍ୟାଣ୍ଡବଲ କ୍ରୀଡାର କଳା କୌଶଳ ଶିକ୍ଷା କରି ସିଦ୍ଧି ଲାଭ କରିଛନ୍ତି । ବାପା ଉମାକାନ୍ତ ବେହେରା ଏବଂ କଳିଙ୍ଗ ହାଇୟର ସେକେଣ୍ଡାରୀ ସ୍କୁଲ ଅଫ୍ କମର୍ସର ପ୍ରିନ୍‌ସିପାଲ ରଜତ କୁମାର ମଲ୍ଲିକଙ୍କ ଉତ୍ସାହ ଓ ସମର୍ଥନ ଯୋଗୁ ସୁପ୍ରଜିତ୍ ହ୍ୟାଣ୍ଡବଲ କ୍ରୀଡାକୁ କ୍ୟାରିୟର ଭାବେ ଗ୍ରହଣ କରିଛନ୍ତି । ଆଗକୁ ନିଜ ଆଦର୍ଶର ଖେଳାଳି ଆର୍ଯ୍ୟନଙ୍କ ପରି ହେବାକୁ ଲକ୍ଷ୍ୟ ରଖିଛନ୍ତି ସୁପ୍ରଜିତ ।



### ଇଣ୍ଡିଆନ୍ ସୁପର ଲିଗ୍

## ଓଡ଼ିଶା-ମୁମ୍ବାଇ ସିଟି ମ୍ୟାଚ ଡ୍ର'

ଭୁବନେଶ୍ୱର,୫।୧୨ (ସବ୍ୟୁ): ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ) ଏକ ଟକରାଟକରି ମ୍ୟାଚରେ ଗୁରୁବାର ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିଥିଲା ଓଡ଼ିଶା ଏଫ୍‌ସି । ହୋମ୍ ଭେନ୍ୟୁ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚରେ ଓଡ଼ିଶା ଏଫ୍‌ସି ତୀବ୍ର ସଂଘର୍ଷ କରି ମୁମ୍ବାଇ ସିଟି ସହ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଡ୍ର' ରଖିଛି । ତେଣୁ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି । ଲିଗ୍ ପର୍ଯ୍ୟାୟରେ ୧୧ଟି ମ୍ୟାଚ ଖେଳି ୪ଟି ବିଜୟ, ୩ଟି ପରାଜୟ ଓ ୪ଟି ଡ୍ର ସହ ଓଡ଼ିଶା ଏଫ୍‌ସି ୧୬ ପଏଣ୍ଟ ହାସଲ କରି ଟେବୁଲର ଚତୁର୍ଥ ସ୍ଥାନରେ ରହିଛି । ସେହିଭଳି ମୁମ୍ବାଇ ସିଟି ୧୦ ମ୍ୟାଚରୁ ୧୪ ପଏଣ୍ଟ ସହ ଟେବୁଲର ଅଷ୍ଟମ ସ୍ଥାନରେ ରହିଛି । ଏହି ଚିତାକର୍ଷକ ମ୍ୟାଚରେ ଓଡ଼ିଶା ଏଫ୍‌ସି ଏବଂ ମୁମ୍ବାଇ ସିଟି ପକ୍ଷରୁ ଗୋଲ୍‌ସ୍କୋର ପାଇଁ ଭରପୂର ପ୍ରୟାସ କରାଯାଇଥିଲା । କିନ୍ତୁ ଉଭୟ ଦଳର ଦକ୍ଷ ଡିଫେନ୍ସ ବର୍ଗ ଓ ଗୋଲ୍ ରକ୍ଷକଙ୍କ ଚତୁରତା ପାଇଁ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି । ତେଣୁ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି ।

## ଡିସେମ୍ବର ୧୫ ରୁ ସୋଆରେ ଅନ୍ତର୍ଜାତୀୟ ଚେସ୍

ଭୁବନେଶ୍ୱର,୫।୧୨ (ସବ୍ୟୁ): ଆଗାମୀ ୧୫ ତାରିଖରୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଓଡ଼ିଶା ଓପନ୍ ଏବଂ ୧୫ତମ ଆନ୍ତର୍ଜାତିକ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍ ଉତ୍ସବ ଆୟୋଜିତ ହେବାକୁ ଯାଉଛି । ୮ ଦିନ ଧରି ହେଉଥିବା ଏହି ପ୍ରତିଯୋଗିତାରେ ୨୫ଟି ଦେଶର ପ୍ରାୟ ୭୦୦ ପ୍ରତିଯୋଗୀ ୩ ଟି ବିଭିନ୍ନ କ୍ୟାଟେଗୋରୀରେ ଭାଗ ନେବେ । ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ) ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ସୋଆ, ରୋଟାରୀ ଇନ୍‌ଟରନ୍ୟାସ୍‌ନାଲ ଏବଂ ଏମ୍‌ପ୍ରିଓ ଗ୍ରୁପ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ପୁରସ୍କାର ରାଶି ୪୦ ଲକ୍ଷ ଟଙ୍କା ରଖାଯାଇଛି ବୋଲି ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟୁର୍ଣ୍ଣାମେଣ୍ଟର ଅର୍ଗାନାଇଜିଂ ଚେୟାରମ୍ୟାନ୍ ଡାକ୍ତର ଅବିନାଶ ସାମଲ୍ କହିଛନ୍ତି । ଏଓସିଏର ସଚିବ ତଥା ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଥିବା ଶ୍ରୀ ଭଞ୍ଜ ଏହି ଅବସରରେ କହିଛନ୍ତି ଯେ, 'ଏ' କ୍ୟାଟେଗୋରୀରେ ୧୯୦୦ କିମ୍ବା ତଦୁର୍ଦ୍ଧ୍ୱ ଏଲୋ ରେଟିଂ ଥିବା ପ୍ରାୟ ୧୨୦ ଜଣ ଖେଳାଳି ଭାଗ ନେଉଥିବା ବେଳେ କ୍ୟାଟେଗୋରୀ 'ବି'ରେ ୧୯୦୦ ରୁ କମ୍ ଏଲୋ ରେଟିଂ ଥିବା ଖେଳାଳୀ ଏବଂ କ୍ୟାଟେଗୋରୀ 'ସି'ରେ ୧୬୦୦ ଏଲୋ ରେଟିଂରୁ କମ୍ ଥିବା ଖେଳାଳୀ ପ୍ରତିଯୋଗିତାରେ ସାମିଲ ହେବେ । କ୍ୟାଟେଗୋରୀ 'ଏ'ର ମୋଟ ପୁରସ୍କାର ରାଶି ୨୫ ଲକ୍ଷ ଟଙ୍କା ରହିଥିବା ବେଳେ ସର୍ବାଧିକ ପୁରସ୍କାର ସାଢ଼େ ୫ ଲକ୍ଷ ଟଙ୍କା ରଖାଯାଇଛି । ସେହିପରି କ୍ୟାଟେଗୋରୀ 'ବି' ଏବଂ କ୍ୟାଟେଗୋରୀ 'ସି' ନିମନ୍ତେ ସାଢ଼େ ସାତ ଲକ୍ଷ ଟଙ୍କା ଲେଖାଏଁ ରଖାଯାଇଥିବା ସେ କହିଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୋଆର ଛାତ୍ର ମଙ୍ଗଳ ଡିନ୍ ତଥା ଅର୍ଗାନାଇଜିଂ କମିଟିର ସହ ଅଧ୍ୟକ୍ଷ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସୋଆର ସ୍ୱତନ୍ତ୍ର ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ କନ୍‌ସଲ୍‌ଟାନ୍ସି (ଏସ୍‌ଆର୍‌ଆଇସି)ର ଡିନ୍ ପ୍ରଫେସର ପି.କେ. ପାତ୍ର, ଏଓସିଏର କୋଷାଧ୍ୟକ୍ଷ ଶ୍ରୀ ଶଙ୍କର ପ୍ରସାଦ ମିଶ୍ର, ଇଣ୍ଟରନ୍ୟାସ୍‌ନାଲ୍ ଆର୍‌ବିଟର ତାପସ କୁମାର ମହାନ୍ତି, ଏଓସିଏର ଏଗ୍‌ଜିକ୍ୟୁଟିଭ୍ କମିଟିର ସଦସ ସୂର୍ଯ୍ୟକାନ୍ତ ବିଶୋଇ ପ୍ରମଖ ଉପସ୍ଥିତ ଥିଲେ । ସୋଆର ଦ୍ୱିତୀୟ କ୍ୟାମ୍ପସ୍‌ରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବର୍ତ୍ତମାନ ସୁଦ୍ଧା ବୋସ୍‌ନିଆ, କଲମ୍ବିଆ, ଫ୍ରାନ୍ସ, କାଜାକ୍‌ସ୍ତାନ,ପାରାଗୁଏ, ୟୁଏସ୍‌ଏ, ଭିଏତନାମ୍, ବେଲାରୁସ, ଇଜିପ୍ଟ, ଫିଲିପାଇନ୍ସ, ଋଷିଆ, ସ୍ଲୋଭାକିଆ ଓ ଭାରତର ଚେସ୍ ଖେଳାଳୀମାନେ ଭାଗ ନେବେ । ଏମାନଙ୍କ ମଧ୍ୟରୁ ୭୦ ଜଣ ପ୍ରତିଯୋଗୀ ଟାଇଟଲ୍ ହୋଲ୍‌ଡର ବୋଲି ଶ୍ରୀ ଭଞ୍ଜ କହିଛନ୍ତି ।

## ଓଡ଼ିଶା ଦଳରେ ଅନୁଗୁଳର ଭବ୍ୟା

ଅନୁଗୁଳ, ୫।୧୨ (ସବ୍ୟୁ) : ପଞ୍ଜାବର ତାରତରଣଠାରେ ଜାତୀୟ ଉପକନିଷ୍ଠ ଉସୁ ଚାମ୍ପିଅନସିପ ଆୟୋଜିତ ହୋଇଛି । ଏହି ପ୍ରତିଯୋଗିତାରେ ଉସୁ ଆସୋସିଏସନ ଅଫ୍ ଓଡ଼ିଶାର ୪୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଦଳରେ ୪୨ ଜଣ ଖେଳାଳି ଓ ୪ ଜଣ ଅଫିସିଆଲ ଅଛନ୍ତି । ଅନୁଗୁଳ ଜିଲ୍ଲାର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଭବ୍ୟା ସାହୁ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି ।

ମା' ଗୀତାଞ୍ଜଳି ସାହୁ ଓ ବାପା ଜିତେନ୍ଦ୍ର ସାହୁଙ୍କ ଝିଅ ଭବ୍ୟା ୧୪ ବର୍ଷରୁ କମ ୪୮ କେଜି ବର୍ଗରେ ଖେଳିବା ପାଇଁ ମନୋନୀତ ହୋଇଥିବାରୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଟ, ଅନୁଗୁଳ ଜିଲ୍ଲା ଉସୁ ଆସୋସିଏସନର କର୍ମକର୍ତ୍ତା ଓ ଜିଲ୍ଲାର ବରିଷ୍ଠ କ୍ରୀଡ଼ାବିତ୍‌ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଭବ୍ୟାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ପ୍ରତିଯୋଗିତାରେ ଭବ୍ୟା ଭଲ ପ୍ରଦର୍ଶନ କରିବେ ବୋଲି କୋଚ୍ ଚିତ୍ତରଞ୍ଜନ ମହନ୍ତ ଆଶାବ୍ୟକ୍ତ କରିଛନ୍ତି ।



## ୨୩ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ୍ ଦଳରେ ଅନୁଗୁଳର ୨

ଅନୁଗୁଳ,୫।୧୨ (ସବ୍ୟୁ): ୨୩ ବର୍ଷରୁ ଓଡ଼ିଶା କ୍ରିକେଟ୍ ଦଳରେ ଅନୁଗୁଳ ଜିଲ୍ଲାର ଦୁଇ ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ପାନ୍ନାକଲ ଶଶାଙ୍କ ଏବଂ ମିଳନ ସାମଲ । ପାନ୍ନାକଲ ଅଲ୍‌ରାଉଣ୍ଡର ହୋଇଥିବା ବେଳେ ମିଳନ ଜଣେ ବାମହାତୀ ଦ୍ରୁତ ବୋଲର । ପୂର୍ବରୁ ସେମାନେ ୧୬ ବର୍ଷରୁ କମ୍ ଏବଂ ୧୯ ଓଡ଼ିଶା କମ୍ ଓଡ଼ିଶା ଦଳରେ ଖେଳିସାରିଛନ୍ତି । ଅନୁଗୁଳ ଜିଲ୍ଲା କ୍ରିକେଟ୍ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଉପସଭାପତି ପ୍ରଭାତ କୁମାର ସିହ୍ନା, ସମ୍ପାଦକ ସାଗରନାଥ ମିଶ୍ର ଓ ସଭ୍ୟ ସୂର୍ଯ୍ୟ ନାରାୟଣ ରାଉତ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ୭ରେ ରାଜ୍ୟ ମଡର୍ଣ୍ଣ ପେଣ୍ଟାଥଲନ ଖେଳାଳି ମନୋନୟନ

ଭୁବନେଶ୍ୱର,୫।୧୨ (ସବ୍ୟୁ): ରାଜ୍ୟ ମର୍ଡନ ପେଣ୍ଟାଥଲନ ଖେଳାଳି ମନୋନୟନ ଆଗାମୀ ୭ ତାରିଖ ଦିନ ପୂର୍ବାହ୍ନରେ ନହରକଣ୍ଟା ଖେଳ ପଡିଆରେ ଅନୁଷ୍ଠିତ ହେବ । ଆଗ୍ରହୀ ଖେଳାଳିମାନେ ସୁଟିଂ, ରନିଂ, ସୁଇମିଂ ଫେନସିଂ ଖେଳ ଲାଗି ରାଜ୍ୟ ଶାଖା ସମ୍ପାଦକ ଏମ୍‌ଡି ଆଜମ (୯୪୩୮୭୩୬୮୦୯)ଙ୍କ ସହ ଯୋଗାଯୋଗ କରିବେ । ମନୋନୀତ ଖେଳାଳିମାନେ ଆଗାମୀ ଜାତୀୟ ପ୍ରତିଯୋଗିତା (ଡେରାଡୁନ)ରେ ରାଜ୍ୟର ପ୍ରତିନିଧିତ୍ୱ କରିବେ ।

## ଜାତୀୟ ସ୍କୋଏ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଅନୁଗୁଳର ୧୩ ଖେଳାଳି

ଅନୁଗୁଳ,୫।୧୨ (ସବ୍ୟୁ): ଚଳିତ ମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ପଞ୍ଚକୁଲାଠାରେ ୨୫ତମ ଜାତୀୟସ୍ତରୀୟ ସ୍କୋଏ ମାର୍ଶାଲ ଆର୍ଟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁଯାଉଛି । ଉକ୍ତ ପ୍ରତିଯୋଗିତାରେ ଅନୁଗୁଳ ଜିଲ୍ଲାର ୩ ଜଣ ବାଳିକା ଓ ୧୦ ଜଣ ବାଳକ ଅଂଶଗ୍ରହଣ କରିବେ । ଗୁରୁବାର ସମସ୍ତ ଖେଳାଳି ଓ ଅଫିସିଆଲ ହରିୟାଣା ଅଭିମୁଖେ ଯାତ୍ରା କରିଛନ୍ତି । ଖେଳାଳିମାନଙ୍କ ସହ ପ୍ରିତମ କୁମାର ସାହୁ ମଧ ଯାଇଛନ୍ତି । ଅନୁଗୁଳ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସେଠ ରାଜ୍ୟ ଉପସଭାପତି ଓ ଜିଲ୍ଲା ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ , ରାଜ୍ୟ ସମ୍ପାଦକ ଏସ୍‌କେ ସଲାଉଦ୍ଦିନ୍ ଓ ଯୁଗ୍ମ ସମ୍ପାଦକ ମୁସ୍ତାକ ଅଲ୍ଲୀ, ଜିଲ୍ଲା ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ, ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ଓ ଆଇନଜୀବୀ ପ୍ରଦୀପ କୁମାର ଦେବତା ଜାତୀୟ ଖେଳାଳି ଓ ବିଜୁ କନ୍ୟାରତ୍ନ ପୁରସ୍କାରପ୍ରାପ୍ତ ଜସ୍ମିନ ସାହୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ସୂଚନା

ସମୟ BHIM BHARAT INTERFACE FOR MONEY SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି